Postal Regd.No.:
BGR - 02/2021-2023
ବର୍ଷ - ୨୧ ■ ସଂଖ୍ୟା - ୩୪
Volum. - 21 ■ Issue No.- 34
Sunday ■ Balangir
ରବିବାର ■ ବଲାଙ୍ଗିର
www.koshalaprabaha.com

KOSHALA PRABAHA
# କୋଶଳ ପ୍ରବାହ

R.N.I.No.: ODIODI/2000/03637 / ୧୮ ଜୁଲାଇ - ୨୪ ଜୁଲାଇ ୨୦୨୧ / 18 July - 24 July 2021 / Odia Weekly / 8 Pages / Rs.2/- only

## ବନ୍ଦୀ ଜୀବନରୁ କେବେ ମୁକୁଳିବ ରିଣ୍ଟୁ ମୁଦୁଲି : ସରକାରୀ ଚିକିତ୍ସା ଅପେକ୍ଷାରେ



ବରଗଡ, (ନିପ୍ର) : ବରଗଡ ଜିଲ୍ଲା ଭେଡେନ ବ୍ଲକ ତାଲମେଂଡା ପଂଚାୟତ ସହଁରାଟିକରା ଠାରେ ଏକ ଅସହାୟ ପରିବାର ବସବାସ କରନ୍ତି । ନିଜର ଜମିବାଡି କିଛି ନାହିଁ ଅନ୍ୟର ଜାଗାରେ କୁଡିଆ ଘର ଆଶ୍ରୟ କରି ରହନ୍ତି । ଗତ ତିନି ବର୍ଷ ହେଲା ସ୍ୱାମୀ ଆରପାରିକୁ ଚାଲିଯାଇଥିବା ବେଳେ ବର୍ତ୍ତମାନ ହାରା ମୁଦୁଲି ଏକ ମାତ୍ର ପୁଅ ରିଂଟୁ ମୁଦୁଲି( ୨୬)ଙ୍କ ସହ ରହୁଛନ୍ତି । ରିଂଟୁ ଜଣେ ମାନସିକ ରୋଗୀ । ତାଙ୍କର ହାତ, ଗୋଡରେ ଲୁହା ଶିକୁଳି ଲାଗି ରହିଥିବାରୁ ମା' ହାରା ଅନ୍ୟ କାମ କରିବାକୁ ଇଚ୍ଛା ଥିଲେ ବି ଯାଇପାରନ୍ତି ନାହିଁ । ପୁଅର ସେବା କରିବାରେ ତାଙ୍କର ସମୟ ସରିଯାଏ । ପୁଅର ସମସ୍ତ ନିତ୍ୟ କର୍ମ କରିବାକୁ ପଡିଥାଏ । ବର୍ତମାନ ସରକାରୀ ସାହାଯ୍ୟ କହିଲେ ବିଧବା ଭତ୍ତା ଓ ପୁଅର ବିକଲାଂଗ ଭତ୍ତା ସହିତ ବିପିଏଲ୍ ଚାଉଳ ୧୦ କେଜି ପାଉଛନ୍ତି । ବର୍ତ୍ତମାନ ପୁଅର ଔଷଧ ଖର୍ଚ୍ଚ ବାବଦରେ ମାସକୁ ୨୦୦୦ ହଜାର ଟଙ୍କା ଖର୍ଚ୍ଚ ହେଉଛି । ଫଳରେ ଉଭୟ ମା' ଓ ପୁଅ ଚଳିବା କଷ୍ଟ ସାଧ ହୋଇ ଯାଇଛି । ଭାଗ୍ୟର ବିଡମ୍ବନା ପୁଅ ମା' ସେବା କରିବା କଥା, କିନ୍ତୁ ମା' ପୁଅର ସେବା କରିବାକୁ ପଡୁଛି । ସରକାରଙ୍କ ତରଫରୁ କେତେ କେତେ ଯୋଜନା ଆସୁଛି । କିନ୍ତୁ ଏମାନଙ୍କ ପରିବାରକୁ ରହିବା ପାଇଁ ଡିହ ଖଣ୍ଡେ ଓ ସରକାରୀ ଚିକିତ୍ସା ଯଦି ପ୍ରଦାନ କରାଯାଏ ତେବେ ପୁଅ ଭଲ ହୋଇଯିବ ବୋଲି ଆଶା ବାନ୍ଧିଛନ୍ତି ମା' । ଉକ୍ତ ପରିବାରକୁ କୌଣସି ସରକାରୀ ଚିକିତ୍ସା ସହାୟତା ମିଳିଲେ ତାଙ୍କର ଦୁଃଖ ଦୂର ହେବ ବୋଲି ସେମାନେ କହିଛନ୍ତି ।

ରହିବାକୁ ଡିହ ଖଣ୍ଡେ ମଧ୍ୟ ସଂପୃକ୍ତ ବିଧବା ମହିଳାଙ୍କ ପାଖରେ ନାହିଁ । ନାହିଁ ନଥିବା ଅସୁବିଧାରେ ଚଳୁଛନ୍ତି ଏହି ପରିବାର । ଜିଲ୍ଲାପାଳ ଓ ସିଡିଏମଓ ଉକ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଅଂଚଳବାସୀ ଦାବୀ କରୁଛନ୍ତି ।

## ପ୍ରେସ୍ ଲେଖାଥିବା ଇନୋଭା କାର୍‌ରୁ ସୋହେଲା ପୋଲିସ ଦ୍ୱାରା ଦୁଇ କ୍ୱିଣ୍ଟାଲ ୩୩ କେଜି ଗଞ୍ଜେଇ ଜବତ, ୪ ଗିରଫ



ବରଗଡ଼, (ନିପ୍ର) : ଇନୋଭା କାରରେ ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ୪ ଜଣକୁ ସୋହେଲା ପୋଲିସ ଗିରଫ କରିଛି । ଅଭିଯୁକ୍ତଙ୍କ ଠାରୁ ଚୋରା ଚାଲାଣ ହେଉଥିବା ୨ କ୍ୱିଣ୍ଟାଲ ୩୩ କିଲୋଗ୍ରାମ ଗଞ୍ଜେଇ ଜବତ କରିଥିବା ବରଗଡ଼ ଜିଲ୍ଲା ଏସପି ରାହୁଲ ଜୈନ ସାମ୍ବାଦିକ ମାନଙ୍କୁ ସୂଚନା ଦେଇଥିଲେ ।

ପ୍ରେସ୍ ଲେଖା ଥିବା ଉକ୍ତ ଇନୋଭା କାର୍‌ରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ସୋହେଲା ପୋଲିସକୁ ସୂଚନା ମିଳିବା ପରେ ଚାଲାଣକାରୀଙ୍କୁ ଧରିଥିଲେ । ଅଭିଯୁକ୍ତଙ୍କ ଠାରୁ କାର, ନଗଦ ଟଙ୍କା ଓ ୬ଟି ମୋବାଇଲ ଫୋନ, ଏଟିଏମ୍ କାର୍ଡ ଜବତ ହୋଇଥିବା ସୂଚନାରେ କୁହାଯାଇଛି । ପଦ୍ମପୁର ଏସଡିପିଓ, ସୋହେଲା ଥାନା ଆଇଆଇସି ପ୍ରମୁଖ ଉପସ୍ଥିତ ଥିଲେ ।

## ବିଜୁ ମହିଳା ଜନତା ଦଳ ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଏବଂ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ

ବରଗଡ଼, (ନିପ୍ର) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନରେ କରୋନା ସମୟରେ ରକ୍ତାଭାବକୁ ଦୂର କରିବା ପାଇଁ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଆଜି ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ବିଜୁ ମହିଳା ଜନତା ଦଳ ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ବରଗଡ ରକ୍ତ ଭଣ୍ଡାର ଦ୍ୱାରା ସର୍ବମୋଟ ୪୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ଶିବିରରେ କେବଳ ମହିଳା ମାନେ

(ସପ୍ତମ ପୃଷ୍ଠା ଦେଖନ୍ତୁ)





ପବିତ୍ର ଇଦ୍-ଉଜ୍-ଜୁହା-୨୦୨୧
ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା ।

ପବିତ୍ର ଇଦ୍-ଉଜ୍-ଜୁହା ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ସେବା, ସମର୍ପଣ, ତ୍ୟାଗ ଓ ତିତିକ୍ଷାର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ଉତ୍ସର୍ଗୀକୃତଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

'କରୋନା' ମହାମାରୀ ବିରୋଧରେ ଓଡ଼ିଶାର ଲଢ଼େଇରେ ସାମିଲ ହୋଇ ଧୈର୍ଯ୍ୟ ଓ ସାହସର ସହ ମୁକାବିଲା ନିମନ୍ତେ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରୁଛି ।

(ଗଣେଶୀ ଲାଲ)



ପବିତ୍ର ଇଦ୍-ଉଜ୍-ଜୁହା-୨୦୨୧
ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ
ବାର୍ତ୍ତା

ପବିତ୍ର ଇଦ୍-ଉଜ୍-ଜୁହା ପର୍ବ ଉପଲକ୍ଷେ ମୁଁ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

କୋଭିଡର ବିପଦ ଏ ପର୍ଯ୍ୟନ୍ତ ଦୂର ହୋଇନାହିଁ । ତେଣୁ ମୋର ନିବେଦନ, ଆସନ୍ତୁ ସମସ୍ତେ କୋଭିଡ ନିୟମ ପାଳନ କରିବା । ମାସ୍କ ପିନ୍ଧିବା, ହାତ ଧୋଇବା ଓ ସାମାଜିକ ଦୂରତା ରକ୍ଷା କରି ନିଜେ ସୁସ୍ଥ ରହିବା ଓ ନିଜ ପରିବାରକୁ ମଧ ନିରାପଦ ରଖିବା ।

ମୁଖ୍ୟମନ୍ତ୍ରୀ, ଓଡ଼ିଶା



ଇଦ୍-ଉଜ୍-ଜୁହା ଉପଲକ୍ଷେ
ବାର୍ତ୍ତା

ତ୍ୟାଗ, ସମର୍ପଣ ଓ ଉତ୍ସର୍ଗର ପର୍ବ ପବିତ୍ର ଇଦ୍-ଉଜ୍-ଜୁହା ଅବସରରେ ମୁଁ ରାଜ୍ୟବାସୀ ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

କରୋନା ମହାମାରୀର କଠିନ ସମୟରେ ଆପଣମାନେ କୋଭିଡ ନିୟମାବଳୀ ଅନୁପାଳନ ପୂର୍ବକ ଏହି ପର୍ବ ପାଳନ କରିବାକୁ ମୁଁ ସମସ୍ତଙ୍କୁ ନିବେଦନ କରୁଛି ।

(ରଘୁନନ୍ଦନ ଦାସ)
ସୂଚନା ଓ ଲୋକସମ୍ପର୍କ, ଜଳସମ୍ପଦ ମନ୍ତ୍ରୀ, ଓଡ଼ିଶା

DADLS-13
OIPR-15001/13/0020/2122

# ମୁନୁଷ୍ ଲେଖେଁ ମୁନୁଷ୍ ଝନେ

# ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ



ବଲାଙ୍ଗିର ଜିଲାର୍ ପୁଇଁତଲା ବ୍ଲକ୍‌ର ଦଶ୍‌ପୁର୍ ପଞ୍ଚେତ୍ ଅଧୀନ୍ ଥି ଅଛେ କୁଟେନ୍‌ପାଲି ଗାଁ । ସେନେ ମାଁ ବୃନ୍ଦାବତୀ ଆର୍ ବାପା ସମାରୁ ଛୁରିଆଙ୍କର୍ କୁଲେ ୧୯୪୪ ମସିହା ଡିସେମ୍ବର ୧ ତାରିଖ ଦିନେ ଜନମ୍ ହେଇଥିଲେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ । ଓଡ଼ିଆ ଭାଷା ସାହିତ୍ୟ ଥି ଏମ୍.ଏ. ଆର୍ ବିଇଡ଼ି. କରି ସାର୍‌ଲା ଉତ୍ରୁ ଓଡ଼ିଶା ଶିକ୍ଷା ବିଭାଗ ଥି ନିଜର ଚାକିରୀ ଜୀବନ୍ କଟେଇଛନ୍ । ଇ'ଘଡ଼ି ଚାକିରୀ ନୁଁ ଉସ୍ତାର୍ ପାଏଲା ଉତ୍ରୁ ପୁରା ଭାବେ ସାହିତ୍ୟ, ସଂସ୍କୃତି ଆର ପରମ୍ପରା ଥି ସମର୍ପିତ ତାକର୍ ଜୀବନ ବଲି କହେଲେ କିଛି ଭୁଲ୍ ନେଇଁହଏ । ନାଟ୍ ଥି ଅଭିନୟ କର୍‌ବାର୍, ନିର୍ଦ୍ଦେଶନା ଦେବାର୍ ଆର୍ ନାଟ୍ ଲେଖ୍‌ବାର୍ ବଏସରୁ ତାକର୍ ଛିର୍‌ପଟ୍ ଥି ରକତ୍ ହେଇ ବୁହୁଛେ ।

ଆଏଜ୍ ତକ୍ ୧୧୪ ଟା ନାଟ୍ ଥି ଅଭିନୟ, ନିର୍ଦ୍ଦେଶନା ଆର୍ ପାଣ୍ଡୁଲିପି ଲେଖ୍‌ବାର୍ ଲେଖେଁ ଉଜନ୍‌ଦାର୍ କବାର୍ କର୍‌ବାର୍ ଥି ସେ ଝନେ ସଫଲ୍ ପୁରୁଷ୍ । କାଳିଚରଣ, ଗୋପାଳ ଛୋଟରାୟ, ଭଂଜକିଶୋର, ବିଶ୍ୱଜିତ ଦାସ, କୁଂଜ ରାୟ, ଜଗନ୍ନାଥ ପ୍ରସାଦ ଦାସ, ରଣଜିତ ପଟ୍ଟନାୟକ, ପ୍ରମୋଦ କୁମାର ତ୍ରିପାଠୀ, ଡ. ସଦାନନ୍ଦ ଅଗ୍ରୱାଲା, ପ୍ରତିବେଶୀ ବାଦଲ ସରକାର୍, ବିଜୟ ତେନ୍ଦୁଲକର, ଡ.ଧର୍ମବୀର ଭାରତୀ, ଡ.ସର୍ବେଶ୍ୱର ଦୟାଲ ସକ୍ସେନା, ଜ୍ଞାନଦେବ ଅଗ୍ନିହୋତ୍ରୀ ଭଲିଆ ଉଁଚା ଦରଜାର୍ ଲେଖକମାନଙ୍କର ନାଟ୍‌କେ ସାକାର୍ ରୂପ୍ ଦେଇ ନିଜର୍ ପରଛା ପରିଚୟ ଟେ ବନେଇ କରି ପାରିଛନ୍ ଜଗଦାନନ୍ଦ । ଓଡ଼ିଶା ଭିତରେ ଆୟୋଜିତ୍ କେତେନି କେତେ ନାଟ୍ ଥି ବିଚାରକ୍ ଭାବେ ବି ବୁଝା ବୁହିଛନ୍ । ଆମର୍ ଭାଷାର 'ଭୁଖା', 'ଆଦିମ୍ ବିଚାର', 'ଶଲାବୁଢ଼ାର୍ ବଦଲା', 'ଉଲ୍‌ଗୁଲାନ୍' ବାଗିର୍ ନାଁ କଲା ସିନେମା ଥି ପାଠ କରିଛନ୍ ଆର୍ ଦର୍ଶକ୍ ମାନ୍‌କର୍ ମନ୍ କେ ଘିନି ନେଇଛନ୍ । ଦୂରଦର୍ଶନ୍ ଧାରାବାହିକ ସବିତା, ଅଝଟି, ଦିଲ୍ଲୀ ଦୂରଦର୍ଶନ୍‌ର ହିନ୍ଦୀ ଟେଲି ଫିଲ୍ମ୍ ପାବଲୀ, ପ୍ରତିଶୋଧ ସମେତ୍ ବଏଲାରେ, ଚେତନା, ଜଗତଜନନୀ ଥି ବି ନିଜର୍ ବର୍‌କସ୍ ଅଭିନୟ ଫୁଟେଇ ପାରିଛନ୍ ।

ଆଏଜ୍ ତକ୍ ତାକର୍ କଲମ୍ ଗାର୍ ଜନମ୍ ଦେଇଛେ କେତେଟେ ସାହିତ୍ୟ କୃତି । ଉପନ୍ୟାସ ବାହୁଡ଼ା ଯାତ୍ରା, ଆଗାମୀ ଅନାଗତ, ଶିଶୁ କିଶୋର ଉପଯୋଗୀ 'ଭାରତ ମାଆର ପିଲାରେ ମୁଇଁ', ଜୈନ୍ ବିଶ୍ୱଭାରତୀ ବିଦ୍ୟାଳୟର ପଢ଼ା ବହି 'ଜୀବନ ବିଜ୍ଞାନ', ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କର ଜୀବନ୍ ଉପରେ ଆଧାରିତ୍ 'ରାଜଯୋଗୀ ରାଜେନ୍ଦ୍ର' ବହି ସାଙ୍ଗେ ଅଥଚ ଈଶ୍ୱର ଲେଖେଁ ଗୁରୁଦୁ ନାଟକ ନାଟ୍ୟଭୂଷଣ ଜଗଦାନନ୍ଦଙ୍କ ଲେଖା ବହି ବାହାରି ସାରିଛେ । ଆଏବାର୍ ସମିଆଁ ଥି ଆର୍ ବି କେତେଟେ ବହି ବାହାରିବାକେ ବାଁକି ରହିଛେ, ତାର୍ ହିସାବ ନେଇଁ ।

ଏଭେ ଚାକିରୀର୍ ନୁଁ ଅବସର୍ ପାଏଲା ଉତ୍ରୁ ଶିଶୁ ବିକାଶ କେନ୍ଦ୍ର, ପୂଜ୍ୟପୂଜା ସେବା ସଂଗଠନ, ସପ୍ତରଙ୍ଗ, ତୁଳସୀ ସଂଗୀତ ନାଟକ କଳା ପରିଷଦ, କଳାଧାମ ଆର୍ଟ ଇନ୍‌ଷ୍ଟିଚ୍ୟୁଟ୍‌ର ସେ ଉପଦେଷ୍ଟା ଅଛନ୍ ତାର୍ ସାଙ୍ଗେ ବଲାଙ୍ଗିର୍‌ର ସରସ୍ୱତୀ ଶିଶୁ-ବିଦ୍ୟା-ଜ୍ଞାନ ମନ୍ଦିରର ସଭାପତି ଦାୟିତ୍ୱ ବହନ୍ କରିଛନ୍ । ଉତ୍କଳ ଯୁବ ସାଂସ୍କୃତିକ ସଂଘ, କଟକ ତରଫ୍ ନୁଁ 'ନାଟ୍ୟଭୂଷଣ' ଉପାଧି ତାହାଙ୍କୁ ମିଲିଥିଲା ବେଲ୍‌କେ ବରଗଡ଼୍ ସ୍ୱୟଂ ଶାସିତ ମହାବିଦ୍ୟାଳୟ ତରଫ୍ରୁ 'ନାଟ୍ୟଭାରତୀ' ଉପାଧି ମିଲିଛେ । ଓଡ଼ିଶା ଥିଏଟର୍ ଏକାଡ଼େମୀ, ଜ୍ୟୋତିବିହାର, ବୁର୍ଲା ଆଉ ସେ 'ନାଟ୍ୟଗୌରବ' ସମ୍ମାନ ବି ପାଇଛନ୍ । ଖାଲି ହେତ୍‌କି ନେଇଁସେ ଇଂଫା ପବ୍‌ଲିକ୍ ଚେରୁଟେବେଲ୍ ଟ୍ରଷ୍ଟ ଆଉ 'ଶାରଳା ସମ୍ମାନ' ଆର୍ ଓଡ଼ିଶା ସାହିତ୍ୟ ଏକାଡ଼େମୀ ତରଫ୍ରୁ 'ବରିଷ୍ଠ ଲେଖକ ସମ୍ମାନ' ସାଙ୍ଗେ ରାଜ୍ୟସାଧନ କେନ୍ଦ୍ର, ଓଡ଼ିଶା ଆଉ 'ଶ୍ରେଷ୍ଠ ଲେଖକ ପୁରସ୍କାର' ପାଇ କରି ନିଜ୍‌କେ ଆର୍ ନିଜର୍ ଜନମ୍ ମାଏଟ୍ କେ ଖୋବ୍ ଉଜାଲା କରି ପାରିଛନ୍ ।

**ମୁନୁଷ୍ ଲେଖେଁ ମୁନୁଷ୍ ଝନେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ । ଛାତି ଥି ଛାତି ପୁରତୁନ୍ ଗହକି । ସମ୍‌କୁ ସାଆଁଟି ନେବାର ଭାବ୍ ଥି ହର୍‌ମେସା ଛଲ୍‌କୁ ଥିସି ତାଁକର୍ ମନ୍ । ନାଟ୍ ଜଗତ୍ ଥି ନିଜ୍‌କେ ବର୍‌କସ୍ କରି ରୁଇ ପାରିଥିବାର୍ ଜଗଦାନନ୍ଦ ଛୁରିଆ ସାହିତ୍ୟ ସୁରୁଷ୍ଟି ଦିଗେ ବି ନାଁ କରିଥିବାର୍ ଝନେ ସାଧକ୍ । କେତେଟେ ନାଟ୍, କଥାନୀ, କବିତା ଆର୍ ପ୍ରବନ୍ଧ ଲେଖି ସାହିତ୍ୟର୍ ଧର୍‌ସା ଥି ବି ଟରୋ ଟରୋ ଚାଲୁଛନ୍ ଅଁଟା ବର୍‌କସ୍ କରି । ସିନେମା ଜଗତ୍ ଥି ବି ତାକର୍ ଖୋବ୍ ନାଁ । ଏନ୍ତା ଝନେ ନିର୍ମଲ୍ ପନର୍ ମୁନୁଷ୍ ସାହିତ୍ୟ ସୃଜନ ସାଙ୍ଗେ ସାହିତ୍ୟ କେ ଖୋବ୍ ଭଲ୍ ପାଏବାର୍ ଆର୍ ମୁନୁଷ୍ କେ ସାଆଁଟି ନେବାର୍ ଭାବ୍ କେ ମନ୍ତର୍ ବଲି ଆବ୍‌ରି ଧରିଥିବାର ନାଟ୍ୟଭୂଷଣ ଜଗଦାନନ୍ଦଙ୍କୁ ଆସୁନ୍ ଭେଟ୍‌ମା, ତାଙ୍କର୍ ସାଙ୍ଗେ ଦୁଇ ପଦ୍ କଥା ହେମା ।**

କୋଶଳ ପ୍ରବାହ : ନାଟ୍ ଜଗତ୍ ଥି ଆପଣ ଝନେ ପ୍ରତିଭାବାନ୍ ପୁରୁଷ୍ ଭାବେ ଗନା ହେସନ୍ । ଇ' ନାଟ୍ ଜଗତ୍ କେ କେଭେ ଆର୍ କେନ୍ତା କରି ଆସ୍‌ଲେ ?

ନାଟ୍ୟଭୂଷଣ ଜଗଦାନନ୍ଦ : ମୋର୍ ଛୁଆ ଦିନ୍ ଗାଁ ଥି କଟିଥିଲା । ପାଖାପାଖି ୧୧ ବରଷ୍ ହଉଥାଏ । ମୋର୍ ବଡ଼୍‌ଖା ଦଦା ଗୁରୁ ଟ୍ରେନିଂ ସ୍କୁଲ୍ ନେ ଶିକ୍ଷକ ପ୍ରଶିକ୍ଷକ ଭାବେ ଚାକ୍‌ରୀ କରୁଥାଅନ୍ । ଗାଁ ନୁଁ ଫି ଦିନ୍ ତାକର୍ ଯା' ଆସ୍ ଲାଗିଥାଏ । ଲୀଲା ନାଟ୍ କାଟ୍‌ବାର୍, ନିଜେ ସେଥି ପାଠ୍ କର୍‌ବାର୍ ଆର୍ ନାଟେ ବାହାର୍‌ଲା ବେଲ୍‌କେ ଲଗା ହଉଥିବାର ମୁଖା ବନାବାର୍ ଥି ତାକର୍ ବଡ଼ା ସଉକ୍ । ଦଶମୁଣ୍ଡିଆ ରାବନ୍, ହନୁମାନ୍, ତିର୍‌ଶିରା, ଅସୁର ମୁଖା ବନାଲା ବେଲ୍‌କେ ମୁଇଁ ତାକର ପଛେ ପଛେ ଲମିଥାଏଁ । ନାଟୁଆ ହେବାର୍ ସପନ୍ ଦେଖା ଇନୁ ମୂଲ୍ ହେଲା ବଲି କହେଲେ ଠିକ୍ ହେବା ।

କୋଶଳ ପ୍ରବାହ: ଗାଆଁର ଜୀବନ୍ ଆର୍ ଛୁଆବେଲର କିଛି ପାଶ୍‌ରି ନେଇଁ ହେଲା ବାଗିର୍ କଥା କହେତେ କାଏଁ !

ଜଗଦାନନ୍ଦ : ଆମର୍ ଗାଁ କୁଟେନ୍‌ପାଲି । ବଲାଙ୍ଗିର୍ ସଦର୍ ମହକୁମାର୍ ପୁରୁବ୍ ଦିଗ୍‌କେ ଚଉଦ କିଲୋମିଟର୍ ଦୂର୍ । ମୋର୍ ଜୀବନର ୧୧ ବଛର୍ ତକ୍ ଗାଁ ଥି କଟ୍‌ଲା । ଏଭର୍ ଅନୁସାରେ ଦେଖିଲେ, ବଡ଼ା ଅଭାବ ଅନାଟନ୍ ଭିତ୍‌ରେ କଟୁଥିଲା ଗାଆଁ ଜୀବନ୍ । ଦିହଁପାଏନ୍ ଲାଗି ଡ଼ାକ୍ତରୀ ସୁବିଧା, ପାଠ୍ ପଢ଼ା ସୁବିଧା କି ଯିବାର୍ ଆସ୍‌ବାର୍ ସୁବିଧା କିଛି ବଏଲେ କିଛି ନେଇଁ ଥାଇ ହେତ୍‌କି ବେଲ୍‌କେ । ତଥାପି ବଡ଼ା ଉସ୍‌ନାକିଆ ଥିଲା ଗାଁ ଜୀବନ୍ । ଗାଁ ଟା ଯାକ ପାରିବାରିକ୍ ଭାବର୍ ବନ୍ଧନ୍ ଥି ବାନ୍ଧି ହେଇ ରହିଥିଲା । ଗାଁର୍ କାଁଟାର୍ 'ଅସୁର୍ ଦୁଲଲ୍' ନୁଁ କଇଁଫୁଲ୍ ତୁଲ୍‌ବାର୍, ପାଏନ୍ କୁଇଲି ଖେଦା କର୍‌ବାର୍, କରିଆ ଥି ଝୁରି ମାର୍‌ବାର୍, ଆମ୍‌ବୁରେଇ ନେ 'ଡାହିମାକ୍‌ରି' ଖେଲ୍‌ବାର୍ ଲେଖେଁ ଗୁରୁଦୁ ଖୁସିବାସିର୍ ଧାର୍ ଥି ପହଁରୁଥିଲା ଛୁଆ ବେଲର୍ ଜୀବନ୍ । କରିଆ ଖଁଡ଼େ ପିନ୍ଧିକରି ଆର୍ ଖଁଡ଼େ ଖଦେ ପକେଇ କରି ବହିବସ୍ତାନୀ ଖାକେ ଚେପେଇ କରି ଆମର୍ ଗାଁ ଥି ଇସ୍କୁଲ୍ ନେଇଁଥାଇ ଯେ ପାଖର୍ ଗାଁ କେ ପାଠ୍ ପଢ଼ି ଯଉଥିଲୁଁ ଆମେ । କେତେ ମଜା ଲାଗୁଥିଲା ସେତେବେଲେ ଯେ, ଟୁଁଡ଼େ କହି ନେଇଁ ହେବାର୍ । ସୋର୍ କରିଦେଲେ ଦିହଁମୁଣ୍ଡ ହୁରହୁରିଆ ଧୁକା ପାଏଲା ମେତାନ୍ ଲାଗୁଛେ ।

କୋଶଳ ପ୍ରବାହ : ନାଟେ ପାଠ୍ କର୍‌ବାର୍, ନାଟ୍ ଶିଖାବାର୍ ସାଙ୍ଗେ ସାଙ୍ଗେ ନାଟ୍, କବିତା, କଥାନୀ, ପ୍ରବନ୍ଧ ଲେଖ୍‌ବାର୍ ଦିଗେ ବି ଆପଣ ନିଜ୍‌କେ ବର୍‌କସ୍ କରି ଠାଡ଼୍ କରେଇ ପାରିଛନ୍ ସାରସ୍ୱତ ଜଗତ୍ ଥି । ଆପଣଙ୍କର୍ ସାରସ୍ୱତ ସାଧନା ବିଷୋ ଥି କିଛି କଥା କହୁନ୍ ।

ଜଗଦାନନ୍ଦ : ନିଜର୍ ଆଚାର୍ ବେଭାର୍ ଥି ଲୋକ୍ ମତେ ସାଆଁଟି ନେବେ ବଲି ଆବେଗ୍ ଆର୍ ଅନୁରାଗ୍ କେ ପର୍‌ସି ଦେସିଁ ନାଟ୍, ପ୍ରବନ୍ଧ ଥି କେଭେ କେନ୍ତା କବିତା, କଥାନୀ ଲେଖା ଥି..... । ସାହିତ୍ୟ ସେବକ୍ ହେବାର୍ ଆଶା କେ ସାକାର୍ କରବାର୍ ଲାଗି ଏତ୍‌କି ବେଲ୍‌ତକ୍ ଚେଷ୍ଟା ଜାରି ରହିଛେ । ଆଏଜ୍ ତକ୍ କେତେଟା ବହି ବାହାରି ସାରିଛେ, ଆଏବାର୍ ସମିଆଁ ଥି ଯଦି ମାଁ ମାଏଟ୍ ଚାହେଁବା ବଏଲେ ଆର୍ ବି କେତେଟା ବହି ବାହାରି ପାର୍‌ବା । ପାଣ୍ଡୁଲିପି ରେଡ଼ି ହେଇକରି ରହିଛେ ।

କୋଶଳ ପ୍ରବାହ : ଗୁରୁଦଟେ ପ୍ରତିଭାର୍ ଅଧିକାରୀ ଆପଣ୍ । ଇତାର୍ ବାଦ୍ ଆପଣ୍‌କୁ ଝନେ ନୁକୋ ମୁନୁଷ୍ ଭାବେ ସଭେ ଗ୍ରହଣ କର୍‌ସନ୍ । ଆପଣଙ୍କର ହିସାବେ ନୁକୋ ମୁନୁଷର୍ ପରିଭାଷା କାଣା ?

ଜଗଦାନନ୍ଦ : ଅକଲ ଉହାଟ ଖଟେଇ, ମନ୍ ପସନ୍ଦର ରଙ୍ଗ୍ ରେଚେଇ, ମୁନୁଷ୍ ପନର ଭାବ୍‌ଭୂଇଁ ଦେଇ ଆମ୍‌କୁ ବଡ଼ା ଯତ୍‌ନେ ଗଢ଼ିଛନ୍ ପରମ୍‌ପିତା । ଇ' ଭାବ୍ ସଂପଦ୍ କେ ଆମେ ଛାତି ଥି ଜାଁକି ଧରିକରି ଭଲ୍‌ପାଏବାର୍ ପନ୍ ଥି ଉନ୍‌ଖା ମାନ୍‌କୁ ସାଆଁଟି ନେଉଥିବାର୍ ମୁନୁଷ୍ ମୋର୍ ଆଁଖି ନୁକୋ ମୁନୁଷ୍ ମେତାନ୍ ଲାଗସନ୍ ।

କୋଶଳ ପ୍ରବାହ : ଲେତାଗୁତାକେ ଯୁଡ଼ାବାର୍ ଲାଗି ଆର୍ ମଧୁର କର୍‌ବାର ଲାଗି ଏଭେ କେତେନି କେତେ ମୁନୁଷର୍ ହାତେ ମାଧ୍ୟମ୍ ରହିଥିଲେ ବି ମୁନୁଷ ଭେଲି ଥି ଲେତାଗୁତା ଆଏଜ୍ ଖୋବ୍ ପାଏନ୍‌ଚିଆ ହେଇଯଉଛେ । ଇ' ଦିଗେ ଆପଣଙ୍କର୍ ବିଚାର୍ କାଣା ?

ଜଗଦାନନ୍ଦ : ଦେବାର୍ ନେଇଁସେ, ପାଏବାର୍ ଲଲ୍‌ହା ପନ୍ ଥି ଲେତାଗୁତାମାନେ ଯୁଡ଼ି ହଉଥିବାର୍ କାରନ୍ ଥୁ ଆଏଜ୍ ପାଏନ୍‌ଚିଆ ପାଏନ୍‌ଚିଆ ହେଇଗଲାନ' । ଏନ୍ତା ହେବାର୍ ଟା ସମାଜ୍ କେ ଶିଖର୍ ଆଡ଼୍‌କେ ନେଇଁ ନିଏ ତ', ରସାତଲ୍‌ଗାମୀ କରେଇ ଦେବା । ହେଥିର୍ ଲାଗି ଇ' ଦିଗ୍‌କେ ଆମେ ସଭେ ବନେ କରି ନିଘା ରଖ୍‌ବାର ଉଚିତ୍ ।

କୋଶଳ ପ୍ରବାହ : କେନ୍ ମହାପୁରୁଷ୍‌ଙ୍କୁ ଆପଣଙ୍କର୍ ଆଦର୍ଶ ବଲି ଆପଣ୍ ଗ୍ରହଣ କର୍‌ସନ୍ ?

ଜଗଦାନନ୍ଦ : ସ୍ୱାମୀ ବିବେକାନନ୍ଦ ।

କୋଶଳ ପ୍ରବାହ : ଆପଣଙ୍କର୍ ପସନ୍ଦ ବହି ?

ଜଗଦାନନ୍ଦ : ଫକୀରମୋହନଙ୍କର୍ 'ଛ ମାଣ ଆଠ ଗୁଣ୍ଠ' ।

କୋଶଳ ପ୍ରବାହ : ଜୀବନର୍ କେନ୍ ଘଟ୍‌ନା ଆପଣଙ୍କୁ ବାଏବିଛୋ କରି ପକାସି ?

ଜଗଦାନନ୍ଦ : ଯେନ୍‌ମାନ୍‌କୁ ଗୁରୁଜନ୍ ବଲି ଭାବି କରି ଖୋବ୍ ଭକ୍ତି କରୁଥିସୁଁ, ସେମାନଙ୍କର୍ ଖରାପ୍ ଚଲନ୍ ଆଏଁଖି ଥି ପଡ଼ିଗଲେ, ଖୋବ୍ ବାଏବିଛୋ ଲାଗସି ।

କୋଶଳ ପ୍ରବାହ : ଲେଖାପଢ଼ା ଜଗତର୍ କେନ୍ ବିଭାଗ୍ ଆପଣ୍‌କୁ ଯହ ଉସ୍‌ନାକ୍ ଦେସି ?

ଜଗଦାନନ୍ଦ : ପ୍ରବନ୍ଧ ଟେ ପରଛା ଉରଛା କରି ପର୍‌ଶି ଦେଇ ପାର୍‌ଲେ ବଡ଼ା ଉସତ୍ ଲାଗସି ।

କୋଶଳ ପ୍ରବାହ : ଝନେ ସଫଲ କଲାକାରର ମୂଲ୍ ମନ୍ତର କାଣା ହେବାର୍ କଥା ଆପଣଙ୍କର୍ ହିସାବ୍ ଥି ?

ଜଗଦାନନ୍ଦ : ସବୁଠାନୁ ଯହ ଆନନ୍ଦ ଦେଇ ପାର୍‌ସି ବଲିକରି କଲା କେ 'ବ୍ରହ୍ମାନନ୍ଦ ସହୋଦର' ବଲି କୁହାଯାଏସି । ସମାଜ କେ ବୈକୁଣ୍ଠର୍ ସୁଆଦ୍ ଦଉଥିବାର୍ ଇ ଆନନ୍ଦ କେ ବିତରଣ କର୍‌ବାର୍ ଟା ଝନେ କଲାକାର୍‌ଙ୍କର୍ ମୂଲ୍ ମନ୍ତର୍ ହେବାର୍ କଥା । ଝନେ ସଚ୍ଚା କଲାକାର୍ ସବୁବେଲେ ସମାଜର୍ ହିତ୍ ଚିନ୍ତା କର୍‌ସି ।

କୋଶଳ ପ୍ରବାହ : ଜୀବନ୍ ଥି ଭଲ୍‌ପାଏବାର୍ ଟା କେନ୍ତା ରୂପ୍ ନେଇକରି ଆପଣଙ୍କର୍ ନିକେ ପୁହୁଁଚିଥିଲା ?

ଜଗଦାନନ୍ଦ : ମାଁ ବାପା, ଗୁରୁଜନ୍ ତାକର୍ ପସନ୍ଦର୍ ଗାଆଁଲିଆ ଟୁକେଲ୍ ଗୁଟେକେ ମୋର୍ ହାତେ ଛନ୍ଦି ଦେଲେ । ସ୍କୁଲ୍ ପାଠ୍ ପଢ଼େଇ ସାର୍‌ଲା ଉତ୍ରୁ ଯେନ୍ ସମିଆଁ ଟିକାକ ମୁଇଁ ପାଉଥିଲି ସେଟାକେ ନାଟ୍‌ତାମ୍‌ସା ଆର୍ ସାହିତ୍ୟ ସାଧନା ଥି ଖଟେଇ ଦେଇ ଗୁଟେ ଅନିୟମିତ୍ ଜୀବନ୍ ଜାଉଁଥିଲା ବେଲେ ସେ ଗାଆଁଲିଆ ଟୁକେଲ୍ ଝନ୍‌କ' ମୋର ଜୀବନ୍ କେ ନିୟମିତ କର୍‌ବାର୍ ଲାଗି ଅଁଟା ଭିଡ଼ିଥିଲା ଆର୍ ମୋର ଭଲ୍ ପାଉଥିବାର୍ ପୁତ୍‌ଲି ଟେ ହେଇ ଯାଇଛେ ।

କୋଶଳ ପ୍ରବାହ : କେନ୍ ସପନ୍ ଆପଣଙ୍କୁ ହର୍‌ମେସା କୁଦଉଥିସି ?

ଜଗଦାନନ୍ଦ : ଅଭାବ କେ ଅଡ଼େଇ ଅଡ଼େଇ ଭାବର୍ ଜୀବନ୍ ଯାତ୍ରା ଚାଲିଥଉ ଆର୍ ହେନ୍ତା ଚାଲୁ ଚାଲୁ କେଭେ ଦିନେ ଭର୍‌କୋ

(ପଞ୍ଚମ ପୃଷ୍ଠା ଦେଖନ୍ତୁ)

## ସଂପାଦକୀୟ

# ଜୀବନାନୁଶୀଳନ

ଜନ୍ମ ମିଳେ, ମାତ୍ର ଜୀବନ ଅର୍ଜନ କରିବାକୁ ପଡ଼େ । ପ୍ରତ୍ୟେକ ମଣିଷ ଅସ୍ତିତ୍ୱରେ ଅମିତ ସଂଭାବନା ଓ ପ୍ରତିଶ୍ରୁତି ଧରି ଜନ୍ମିଥାଏ । ସେଗୁଡ଼ିକର କ୍ଷୟବୃଦ୍ଧି ଉପରେ ହିଁ ନିର୍ଭର କରେ ମଣିଷର ସାର୍ଥକତା ଅସାର୍ଥକତା, ସଫଳତା ବିଫଳତା, ପବିତ୍ରତା ଅପବିତ୍ରତା, ସୌନ୍ଦର୍ଯ୍ୟ ବା କୁତ୍ସିତତା । ଅସ୍ତିତ୍ୱ ଭିତରେ ଅନୁସ୍ୟୁତ ରହିଥିବା ଗୁଣ ସଂପଦଗୁଡ଼ିକର ଉପଲବ୍ଧି ସଂପୂର୍ଣ୍ଣ ନିର୍ଭର କରେ ଅସ୍ତିତ୍ୱ ଭୂମିର ସମ୍ୟକ କର୍ଷଣ ଉପରେ । ଏହାକୁ ହିଁ ଅନ୍ୟ ଭାବରେ କୁହାଯାଏ, ଜୀବନାନୁଶୀଳନ । ଜୀବନାନୁଶୀଳନର ଭଂଗୀ ଯାହାର ଯେତିକି ଏବଂ ଯେଭଳି, ତା'ର ଅସ୍ତିତ୍ୱବୋଧ ମଧ୍ୟ ସେତିକି ଓ ସେଭଳି । ମଣିଷମାନେ ଆପଣେଇ ଥିବା ଜୀବନାନୁଶୀଳନର ଭଂଗୀରେ ମୋଟାମୋଟି ଦୁଇଟି କିସମ ଦେଖାଯାଏ । ପ୍ରଥମଟି ହେଉଛି, ବାହାରୁ ଭିତରକୁ ଏବଂ ଅପରଟି ହେଉଛି ଭିତରୁ ବାହାରକୁ । ପ୍ରଥମଟି ନିର୍ଭରଶୀଳ ସୁବିଧା ସୁଯୋଗର ବାହ୍ୟ ଯୋଗାଣ ଏବଂ ତା'ର ସରୋବରାହ ଉପରେ । ଅପରଟି ପ୍ରେରିତ ଅନ୍ତର ଉତ୍ସାରିତ ସ୍ୱତଃସ୍ଫୂର୍ତ୍ତ ପ୍ରେରଣାରେ । ପ୍ରଥମଟିର ସାମଗ୍ରିକ ଆଭିମୁଖ୍ୟ ଥାଏ । ଆଉ ପାଂଚଜଣଙ୍କ ଉପରକୁ ଛଳେ, ବଳେ, କୌଶଳେ ଉଠିଯାଇ ମିଳୁଥିବା ବଡ଼ଲୋକୀ ପଣରେ ଏବଂ ଅପରଟି ତା'ର ଆଭିମୁଖ୍ୟ ରୂପେ ଧରି ରଖିଥାଏ ଦଶ ଜଣଙ୍କ ଭିତରକୁ ପ୍ରସାରିତ ହୋଇ ସେମାନଙ୍କ ହାଡ଼, ଚମ, ମାଂସର ଛାଂଚ ତଳେ ପ୍ରଚ୍ଛନ୍ନ ଭାବେ ରହି ଦିଗ୍ ଦିଗ୍ କରୁଥିବା ଦିବ୍ୟତା ପ୍ରେରିତ ମଣିଷ ପଣିଆର ଅଗ୍ନିକଣାଟିକୁ ସଂଧାନ କରିବାରେ । ପ୍ରଥମଟିର ସଫଳତା ଥାଏ ଯଥାକଥା ନେଇ ଆଣି ଥୋଇ କୌଣସି ମତେ ବଡ଼ ହେବାରେ । ମାତ୍ର ଅସ୍ତିତ୍ୱ ସଂବିଧାନର ବିଧାନକୁ ଧରି ଅପରଟି ସାର୍ଥକତା ପାଇଥାଏ ଅସ୍ତିତ୍ୱ ସଂପଦକୁ ନଷ୍ଟ ହେବାକୁ ନଦେଇ ବିଧି ସମ୍ମତ ଭାବେ ବୃଦ୍ଧି ପାଇବାରେ ବା ବଢ଼ିବାରେ ।

ପୁଣି କୁହାଯାଏ, ଦୁନିଆଁରେ ଦୁଇ କିସମର ପ୍ରତିଷ୍ଠିତ ବ୍ୟକ୍ତି ଦେଖାଯା'ନ୍ତି । ପ୍ରଥମ କିସମର ବ୍ୟକ୍ତିମାନେ ପ୍ରତିଭାଶାଳୀ ହେବା ସାଂଗେ ସାଂଗେ ଯୁଗପତ୍ ଭାବରେ ପାଟିରେ ସୁନା ଚାମଚ ଧରି ଜନ୍ମିଥା'ନ୍ତି । ପ୍ରତିଭା ଓ ସୃଜନଶୀଳତାର ବିକାଶପାଇଁ ସେମାନଙ୍କୁ ସବୁ ପ୍ରକାର ଅନୁକୂଳ ପରିବେଶ ଏବଂ ପରିସ୍ଥିତି ମଧ୍ୟ ଉପଲବ୍ଧ ହୋଇଥାଏ । ପାରିବାରିକ ବୁନିଆଦ, ଅର୍ଥ, ମାନ, ଯଶର ଏକ ମଜବୁତ୍ ଭିତ୍ତିର ଉତ୍ତରାଧିକାରୀ ରୂପେ ସେମାନଙ୍କ ପ୍ରତିଭାର ବିକାଶ ମଧ୍ୟ ଅକ୍ଷତ ଓ ଅବ୍ୟାହତ ଭାବେ ଚାଲିପାରେ । ମାତ୍ର ଅନ୍ୟ କିସମର ବ୍ୟକ୍ତିମାନଙ୍କୁ ନିଜ ସଂଘରେ ମାଟି ତାଡି ବାଟ ତିଆରିବାକୁ ପଡ଼େ । ସେମାନଙ୍କ ପ୍ରତିଭା ବା ସୃଜନଶୀଳତାର ପ୍ରସ୍ଫୁଟନ, ପଲ୍ଲବନ ବା ବିତରଣ ପାଇଁ ସବୁ ପରିସ୍ଥିତି ଓ ପରିବେଶ ହିଁ ପ୍ରତିକୂଳ ଥାଏ । ବାପର ସେମିତି କିଛି ନାମ ଡାକ ନଥାଏ । ଘରେ ପଇସା ନଥାଏ ଏବଂ ପରିବାର, ପରିବେଶ, ପରିଜନ ବା ପରିସ୍ଥିତି କିଛି ବୋଇଲେ କିଛି ବି ସେମାନଙ୍କୁ ପ୍ରେରଣା, ପ୍ରୋତ୍ସାହନ ବା ପୋଷଣ ଯୋଗାଇବା ଭଳି ନଥାଏ । ଅନ୍ତର ଉତ୍ସାରିତ ଅଭୀପ୍ସା ଏବଂ ପ୍ରଖର ସୃଜନଶୀଳତା ହିଁ ହୋଇଥାଏ ସେମାନଙ୍କ ଚାଳିକା ଶକ୍ତି । ତାହାକୁ ପାଥେୟ କରି ସେମାନଙ୍କ ଅନ୍ତରରେ ଥାଏ, ଅଦମ୍ୟ ଏବଂ ଅପ୍ରତିରୋଧ୍ୟ ଏକ ଇଚ୍ଛାଶକ୍ତି । ଇଚ୍ଛାଶକ୍ତି ଏବଂ ଅଧ୍ୟବସାୟର ପ୍ରୟୋଗ କରି ସେମାନେ ପର୍ବତ ପ୍ରମାଣ ବାଧାବିଘ୍ନ ହଟାଇ ଆଗେଇ ଚାଲନ୍ତି । ପରିଣାମରେ ସବୁ ପ୍ରତିକୂଳତା ତାଙ୍କଠି ହାର ମାନେ ଏବଂ ସେମାନେ ଆକାଂକ୍ଷିତ ସଫଳତା ଓ ସାର୍ଥକତାରେ ଅଭିଷିକ୍ତ ହୁଅନ୍ତି ।

ତେବେ ଜୀବନାନୁଶୀଳନ ମାନବ ଜୀବନରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ, ଯାହା ଜୀବନର ପ୍ରତି ମୁହୂର୍ତ୍ତରେ ଉପଲବ୍ଧ କରିହୁଏ । ଏହାକୁ ଉପଲବ୍ଧ କରିବାର ମାନସିକତା ଟିଏ କେବଳ ଲୋଡ଼ା ପଡ଼େ ।

# ବ୍ରିଜ ନିର୍ମାଣ ଦାବୀରେ କୋଶଳ ରାଜ୍ୟ ସମନ୍ୱୟ ସମିତି ତରଫରୁ ଜଳ ସତ୍ୟାଗ୍ରହ



ବେଲପଡା, (ନିପ୍ର) : ବଲାଙ୍ଗିର ଜିଲ୍ଲା ବେଲପଡା ବ୍ଲକର ଧୁମାଭଟା ଗାଁରୁ ମୁରିବାହାଲ ବ୍ଲକର କତରଲଗା ଗାଁକୁ ସଂଯୋଗ କରୁଥିବା ଲାନ୍ଥ ନଦୀରେ ବ୍ରିଜ ନିର୍ମାଣ ଦାବୀରେ ଶୁକ୍ରବାର କୋଶଳ ସମନ୍ୱୟ ସମିତିର କର୍ମକର୍ତ୍ତାଙ୍କ ସହ ଆଖପାଖ ଗାଁର ଶତାଧିକ ପୁରୁଷ ଓ ମହିଳା ମାନେ ନଦୀ ଜଳ ଭିତରେ ରହି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜଳ ସତ୍ୟାଗ୍ରହ କରିଛନ୍ତି । ପରେ ବେଲପଡା ତହସିଲଦାର ଓ ମୁରିବାହାଲ ତହସିଲଦାରଙ୍କ ଜରିଆରେ ନବୀନ ପଟ୍ଟନାୟକଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି । ପ୍ରାପ୍ତ ସୂଚନା ମତେ ପାଟଣାଗଡ ନିର୍ବାଚନ ମଣ୍ଡଳୀ ଓ ଟିଟିଲାଗଡ ନିର୍ବାଚନ ମଣ୍ଡଳୀର ସୀମାରେ ଲାନ୍ଥନଦୀ ପ୍ରବାହିତ ହେଉଛି ଏବଂ ପାଟଣାଗଡରୁ ଟିଟିଲାଗଡ ଭାୟା ଧୁମାଭଟା, କତରଲଗା, ମୁରିବାହଲକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ସଂପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡିଛି । ଫଳରେ ସ୍ଥାନୀୟ ଅଂଚଳର ହଜାର ହଜାର ଲୋକେ ଯାତାୟତ ପାଇଁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ମୁରିବାହାଲ ବ୍ଲକର ଅଧିକାଂଶ ଲୋକେ ସ୍କୁଲ କଲେଜ, ଚିକିତ୍ସା ତଥା ବ୍ୟବସାୟ ପାଇଁ ଧୁମାଭଟା, ପାଟଣାଗଡ ଉପରେ ନିର୍ଭର କରିଥାନ୍ତି । ସେହିପରି ପାଟଣାଗଡ ଅଂଚଳର ବହୁ ଲୋକ ସରକାରୀ ଓ ବେସରକାରୀ କାମ ପାଇଁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଟିଟିଲାଗଡ ଅଂଚଳକୁ ଯାଉଛନ୍ତି । ହେଲେ ନଦୀରେ ପାଣି ଯୋଗୁଁ ଟିକ୍ରାପଡା କିମ୍ବା ବେଲପଡା ପଟୁ ୨୦ରୁ ୨୫ କିମି ବୁଲିକି ଯିବାକୁ ପଡୁଛି । ଯାହ ଫଳରେ ଲୋକେ ଅଧିକ ଖର୍ଚ୍ଚାନ୍ତର ହୋଇ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିବା ଅଭିଯୋଗ କରିଛନ୍ତି । ଏନେଇ ସ୍ଥାନୀୟ ପ୍ରଶାସନ ଏବଂ ଜନ ପ୍ରତିନିଧି ମାନଙ୍କୁ ଠାରେ ବି ବାରମ୍ବାର ଅଭିଯୋଗ କଲେ ବି କିଛି ସୁଫଳ ମିଳୁନଥିବା କହିଛନ୍ତି । ଏଥିପାଇଁ ଆଖପାଖ ଅଂଚଳର ଶତାଧିକ ଉପସ୍ଥିତ ରହି ଆଜି ଜଳ ସତ୍ୟାଗ୍ରହ କରିଥିବା ଜଣାପଡିଛି । ଘଟଣାସ୍ଥଳକୁ ଉଭୟ ବ୍ଲକର ତହସିଲଦାର ପହଂଚି ବୁଝାସୁଝା ପରେ ଆନ୍ଦୋଳନକାରୀ ମାନେ ଓହରିଥିଲେ । ଏହି ଜଳ ସତ୍ୟାଗ୍ରହ ବେଳେ କୋଶଳ ରାଜ୍ୟ ସମନ୍ୱୟ ସମିତିର ଅଚ୍ୟୁତ ସିପୁନ ଖାମରୀ, ଗିରିଧାରି ଭୋଇ, ବନମାଳି ନାଏକ, ଉମେଶ ବନଗୁଲା, ବସୁଦେବ ରାଉତ, ଶେଷଦେବ ବାଗ, କୌଶଲ ବନଗୁଲା, ରାଧେଶ୍ୟାମ ରାଉତଙ୍କ ସହ ଆଖପାଖ ଅଚଂଳର ଶତାଧିକ ଲୋକ କାର୍ଯ୍ୟକ୍ରମରେ ସାମିଲ ଥିଲେ । ଆଗାମୀ ଦିନରେ ଦାବୀ ଗୁଡିକ ପୂରଣ କରା ନଗଲେ ତୀବ୍ର ଆନ୍ଦୋଳନ ପାଇଁ ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି ।

# ଦେଓଗାଁ-ସୋନପୁର ରାସ୍ତାର ଉନ୍ନତିକରଣ ପାଇଁ ଚିଠି ଲେଖିଲେ ଦେଓଗାଁ ବ୍ଲକ ଅଧକ୍ଷା



ଦେଓଗାଁ, (ନିପ୍ର) : ଦେଓଗାଁ ବ୍ଲକ ଅଧକ୍ଷା ଶ୍ରୀମତୀ ରୀନା ମେହେର ଦେଓଗାଁ ବ୍ଲକର ଶେଷ ସୀମାରେ ଥିବା ଗୌଡଗୋଠ ପଂଚାୟତ ଅନ୍ତର୍ଗତ ରତାଖଣ୍ଡି ଗାଁଠାରୁ ସୋନପୁର ଜିଲ୍ଲା ସୀମା ଭାୟା ବଡବାହାଲ ବରାହାକନା, ମାଲପଡା, କୁନ୍ଦେଇମାଲ, ବନ୍ଧପାଲି, ଥାଲବନ୍ଧ, ଭୀମଡୁଙ୍ଗୁରି, ମକୁନ୍ଦପୁର, ହିର୍ଲିମାଲ ଓ ପୁଇଁନ୍ତଲା ବ୍ଲକର ଫଲସାପଦର ଯାହାକି ସୋନପୁର ଜିଲ୍ଲା ସୀମା ପର୍ଯ୍ୟନ୍ତ ଲାଗି ରହିଛି, ଏହି ୨୫ କିଲୋମିଟର ରାସ୍ତାର ଉନ୍ନତିକରଣ ପାଇଁ ସରକାରଙ୍କ ଠାରେ ପତ୍ର ମାଧ୍ୟମରେ ଦାବୀ ଜଣାଇଛନ୍ତି ।

ସୁଚନା ଯୋଗ୍ୟ ଯେ, ଗତ ୧୪ ତାରିଖ ଦିନ ଏ ସମ୍ପର୍କରେ ଏକ ପତ୍ର ମାଧ୍ୟମରେ ସେ ନିର୍ବାହୀ ଯନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ ବିଭାଗ, ବଲାଙ୍ଗିର, ଅଧୀକ୍ଷଣ ଯନ୍ତ୍ରୀ ବଲାଙ୍ଗିର, ଜିଲ୍ଲାପାଳ ବଲାଙ୍ଗିର, ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଓ ଗ୍ରାମ୍ୟ ଉନ୍ନୟନ ତଥା ଶ୍ରମମନ୍ତ୍ରୀ ସୁଶାନ୍ତ ସିଂଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି । ଏହି ରାସ୍ତାର ଉନ୍ନତିକରଣ ହେଲେ ଦେଓଗାଁ ବ୍ଲକର ଗୌଡଗୋଠ, ବଡବାହାଲ, ଘୁଡଖାପଲା, ମକୁନ୍ଦପୁର ପ୍ରଭୃତି ପଂଚାୟତର ଜନସାଧାରଣଙ୍କର ସାମାଜିକ ଓ ଅର୍ଥନୈତିକ ବିକାଶ ହୋଇପାରିବ । ଏହାସହ ପ୍ରସିଦ୍ଧ ଭୀମପାହାଡ ପର୍ଯ୍ୟଟନସ୍ଥଳୀକୁ ମଧ ସବୁ ଦିନିଆ ରାସ୍ତା ମିଳିପାରିବ ।

ଏହି ଦିଗରେ ନକ୍ସା ଓ ଆକଳନ ପ୍ରସ୍ତୁତ କରି ଆବଶ୍ୟକୀୟ ଅର୍ଥ ଶୀଘ୍ର ମଞ୍ଜୁରୀ କରିବା ପାଇଁ ଶ୍ରୀମତୀ ମେହେର ଅନୁରୋଧ କରିଛନ୍ତି ।

# ସାହିତ୍ୟ କଥାର ନବମ ସ୍ୱନକ୍ଷତ୍ର ସମାରୋହ : ସାହିତ୍ୟ ଖବର ଦେବାରେ ସାହିତ୍ୟ କଥାର ପ୍ରୟାସ ଅଦ୍ୱିତୀୟ



ଭବାନୀପାଟଣା, (ନିପ୍ର) : ସାହିତ୍ୟ କଥା କେବଳ ଏକ ସମ୍ବାଦ ପତ୍ରିକା ନୁହେଁ, ସାହିତ୍ୟ ବିଷୟକ ଚଟାପଟ ଖବର ନୁହେଁ, ବରଂ ପ୍ରତିଭା ଅନ୍ୱେଷଣର ମହାର୍ଘ୍ୟ ପର୍ବଟିଏ । ଏଥିରେ ଲେଖକ, ପାଠକ ତଥା ସାହିତ୍ୟ ମନସ୍କ ଓ ତର୍ଲ୍ଲୀନ ଲୋକେ ସାହିତ୍ୟର ବିଭିନ୍ନ ବିଭାଗ ଦେଖିବାକୁ ପାଇପାରିବେ । ସାରା ବିଶ୍ୱର ସାହିତ୍ୟ ଖବର ଦେବାରେ ଓଡ଼ିଶାର ଏକମାତ୍ର ସାହିତ୍ୟ-ସମ୍ବାଦ ପତ୍ରିକା ସାହିତ୍ୟ କଥାର ପ୍ରୟାସ ଅଦ୍ୱିତୀୟ ବୋଲି ଏହାର ନବମ ସ୍ୱନକ୍ଷତ୍ର ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।

ଭବାନୀପାଟଣାସ୍ଥିତ ଶ୍ରୀରୂପା ପବ୍ଲିକେସନ୍ସ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସମାରୋହରେ ଅତିଥି ଭାବେ ବିଶିଷ୍ଟ ପ୍ରାବନ୍ଧିକ ଚନ୍ଦ୍ରଶେଖର ହୋତା ଓ ବିଶିଷ୍ଟ ସ୍ତମ୍ଭକାର ସଂପଦ ନାୟକ ଯୋଗ ଦେଇଥିବା ବେଳେ ସାହିତ୍ୟ କଥାର ସଂପାଦକ ସକିତ ରତେଙ୍କ ସଭାପତିତ୍ୱ କରିଥିଲେ । ପତ୍ରିକାର ଉପଦେଷ୍ଟା ଗାଳ୍ପିକ ସୁକାନ୍ତ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିଶିଷ୍ଟ କବି ବିରଂଚି ନାରାୟଣ ମୁଣ୍ଡଙ୍କ ସଂଯୋଜନାରେ ଆୟୋଜିତ ସମାରୋହରେ ସାହିତ୍ୟ କଥାର ସହସଂପାଦକ ସୁଶୀଲ କୁମାର ବାଗ ଓ ସୁଧୀର କୁମାର ଧଙ୍ଗଡ଼ାମାଝୀ ବକ୍ତବ୍ୟ ରଖିଥିଲେ । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଯୁବ ଗାଳ୍ପିକ ଡିଲେଶ୍ୱର ରଣା ।

ଡିଜିଟାଲ୍ ନ୍ୟୁଜ୍ ପୋର୍ଟାଲ୍ ଓଡ଼ିଆ ବାର୍ତ୍ତା ପକ୍ଷରୁ ସମଗ୍ର କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଥିଲା । କବି ତ୍ରିନାଥଶ୍ୟାମ କୁମାର, ଜିତେନ୍ଦ୍ର କୁମାର ସାହୁ, ଯୁଗେଶ୍ୱର ମାଝୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# କୀଟନାଶକ ଔଷଧ ପିଇ ପ୍ରେମରେ ବିଫଳ ଯୁବକଙ୍କ ଆତ୍ମହତ୍ୟା



ଦାରିଙ୍ଗବାଡ଼ି : କୀଟନାଶକ ଔଷଧ ପିଇ କର୍ମଦୂତ ବଳିଆରସିଂଙ୍କ ୧୯ ବର୍ଷୀୟ ପୁଅ କର୍ଣ୍ଣ ବଳିଆରସିଂ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି । ମିଳିଥିବା ସୂଚ଼ନା ଅନୁସାରେ ଶନିବାର ସକାଳ ପ୍ରାୟ ୯ଟାରେ ଘରେ ଥିବା କୋବି ପୋକମରା ଔଷଧକୁ କର୍ଣ୍ଣ ପିଇଦେଇ ଗୋରୁ ଚରାଇବାକୁ ଚାଲିଯାଇଥିଲେ । କିଛି ସମୟ ପରେ ଘରକୁ ଫେରିବା ବେଳେ କର୍ଣ୍ଣଙ୍କ ପାଟିରୁ ରକ୍ତ ବାହାରୁଥିବା ଦେଖି ମାଆ ସନ୍ଦେହ କରିଥିଲେ । ତାଙ୍କୁ ତୁରନ୍ତ ଦାରିଙ୍ଗବାଡ଼ି ମେଡିକାଲ୍‌କୁ ନିଆଯାଇଥିଲା । ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ କର୍ଣ୍ଣଙ୍କ ମୃତ୍ୟୁ ହୋଇଥିଲା । ଦାରିଙ୍ଗବାଡ଼ି ଥାନା ଏସ୍ଆଇ ସୌମ୍ୟକାନ୍ତ ପଣ୍ଡା ମେଡିକାଲରେ ପହଂଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛନ୍ତି । ପ୍ରେମରେ ବିଫଳ ହେବା ପରେ କର୍ଣ୍ଣ ଏଭଳି ପଦକ୍ଷେପ ନେଇଥିବା ସାଧାରଣରେ ଆଲୋଚନା ହେଉଛି ।

# ସଇଁନ୍ତଲା କଂଗ୍ରେସ ଦଳ ପକ୍ଷରୁ ତୈଳ ଦର ବୃଦ୍ଧିକୁ ନେଇ ଦସ୍ତଖସ୍ତ ଅଭିଯାନ




ସଇଁନ୍ତଲା, (ନିପ୍ର) : ସାରା ଦେଶରେ ଦିନକୁ ଦିନ ଅହେତୁକ ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ତଥା ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଅହେତୁକ ମୁଲ୍ୟବୃଦ୍ଧି ଘଟିଛି । ତେବେ ଏହାର ପ୍ରତିବାଦରେ ଅନେକ ଥର କଂଗ୍ରେସ ଦଳ ପକ୍ଷରୁ ଆନ୍ଦୋଳନ କରାଯିବା ସହ ରାଜରାସ୍ତାକୁ ଉହ୍ଲାଇବା ସହ ବିକ୍ଷୋଭ ମଧ୍ୟ କରିଛି କଂଗ୍ରେସ ଦଳ । ହେଲେ କେନ୍ଦ୍ର ସରକାରଙ୍କ ଅବହେଳା ଯୋଗୁଁ ତୈଳ ଦର ହ୍ରାସ ପାଇବା ବଦଳେ ବଢ଼ି ବଢ଼ି ଚାଲିଛି, ଯାହାକୁ ନେଇ ସାଧାରଣ ଖଟିଖିଆ ଲୋକଙ୍କ ଉପରେ ପ୍ରଭାବ ପଡିଛି ।

ଏହାର ପ୍ରତିବାଦରେ ଆଜି ବଲାଙ୍ଗିର ଜିଲ୍ଲା ସଇଁନ୍ତଲା କଂଗ୍ରେସ ଦଳ ପକ୍ଷରୁ ସ୍ଥାନୀୟ ପେଟ୍ରୋଲ ପମ୍ପ ଠାରେ ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସ ଦଳ ବରିଷ୍ଠ ନେତା ସୁରେନ୍ଦ୍ର ସିଂ ଭୋଇଙ୍କ ନେତୃତ୍ୱରେ ସଇଁନ୍ତଲା ବ୍ଲକ କଂଗ୍ରେସ ସଭାପତି ଗୁଣ ସାଗର ମାଝୀଙ୍କ ସଭାପତିତ୍ୱରେ ଧାରଣ ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

ଅନ୍ୟପଟେ କଂଗ୍ରେସ ଦଳ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦସ୍ତଖସ୍ତ ଅଭିଯାନ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଥିଲା । ଏଥିରେ ଟିଟିଲାଗଡ ନିର୍ବାଚନ ମଣ୍ଡଳୀ ମିଡିଆ ସେଲ୍ ସଂଯୋଜକ ସୁବ୍ରତ ବେହେରା, ପୂର୍ବତନ ସରପଂଚ ମକୁନ୍ଦ ନାଗ, ଚନ୍ଦ୍ର ଚନ୍ଦନ, ବେଲଗାଁ ସମିତି ସଭ୍ୟ ଦୀପକ ଅଗ୍ରୱାଲ ସମେତ ଶତାଧିକ କଂଗ୍ରେସ ଦଳର କର୍ମୀ ମାନେ ସାମିଲ ହୋଇଥିଲେ ।

# ସାବଧାନ : ଅନ୍‌ଲାଇନରେ ମାତିଛନ୍ତି ଲୁଟେରା



ଡେଲାଙ୍ଗ, (ନିପ୍ର) : ଅନ୍‌ଲାଇନରେ ମାତିଛନ୍ତି ଲୁଟେରା । ଟିକିଏ ଅସାବଧାନତା ପାଇଁ ଠକି ନେଉଛନ୍ତି ହଜାର ହଜାର ଟଙ୍କା । ଏମିତି ଏକ ଠକାମୀର ଶିକାର ହେଇଛନ୍ତି ମାନଚିନା ଗ୍ରାମର ସୁମନ୍ତ ଚରଣ ବେହେରା । ତାଙ୍କ ପାଖକୁ ୭୬୭୯୬୨୪୦୭୦ ନମ୍ବରରୁ କଲ୍ ଆସିଥିଲା । କଲ୍ କରି କହିଥିଲେ ଯେ, ତୁମର ଫୋନ ପେ’ କୁପନରେ ୪୯୯୯ ଟଙ୍କା ଆସିଛି । ତୁମ ପାଖକୁ ଗୋଟେ ଓଟିପି ଯିବ, ଓଟିପି ଦେଲେ ତୁମ ଆକାଉଂଟରେ କ୍ରେଡିଟ ହେବ । ଚାଲାକି କରି ଓଟିପି ନେଇ ତାଙ୍କ ଏୟାରଟେଲ ପେମେଂଟ ବ୍ୟାଙ୍କ ଆକାଉଂଟରୁ ୭୨୭୫ ଟଙ୍କା ହଡ଼ପ କରିନେଇଛି ଦୁର୍ବୃତ୍ତ ବୋଲି ସୂଚନା ମିଳିଛି ।

# ଆଉ କେଇଟା ଦିନ

ନୀଳାଦ୍ରି ମହାପାତ୍ର



ଆଉ କେଇଟା ଦିନରେ
ଉଜୁଡି ଯିବ ଉପବନ ।

ସ୍ୱପ୍ନାବିଷ୍ଟ ଚାରା ସବୁ ଶୁଖିଯିବେ
ମୋହାଶକ୍ତ ଫୁଲ ସବୁ ମଉଳିଯିବେ
ଏକାନ୍ତ ଘନିଷ୍ଠ ଗଛ ସବୁ ମରିଯିବେ
ନିର୍ଜନତାରେ
ନିଜସ୍ୱ ଆଳାପ କରୁଥିବ
ଆତ୍ମସ୍ଥ ମାଳୀଟି ।

ମନ୍ଦିରରୁ ମଧୁଶାଳା ଯାଏ
ଆଉ ଦିଶୁନଥିବ ସେ ଆତ୍ମୀୟ ମୁହଁ
ଶୁଭୁ ନଥିବ ସେ ମୋହିନୀ ମନ୍ତ୍ର
ଭକ୍ତି ଠୁ ଭର୍ତ୍ସନା ସବୁ
ମିଳେଇ ଯାଉଥିବ ମହାଶୂନ୍ୟରେ ।

ଅନ୍ଧାରର ଆଁ ଭିତରେ
ଆକ୍ତା ମାକ୍ତା ହେଉଥିବ ଜୀବନ
ପାଇବା ଓ ହରେଇବାର
ଦୋ' ଛକିରେ
ପୋଡିଯାଉଥିବ ତପସ୍ୱୀର
ତପୋବନ ।

ଆଉ କେଇଟା ଦିନ
ଆଉ କେଇଟା ଦିନରେ
ଆଉଟି ପାଉଟି ହେଉଥିବ
ଜଳନ୍ତା ସୂର୍ଯ୍ୟ ଦିଗ୍‌ବଳୟ ଆଡ଼େ
ତରଳି ଯାଉଥିବ
ତୀର୍ଯ୍ୟକ ଜହ୍ନ ମନ ଭିତରେ ।

ଜଳିଯାଉଥିବା ପୋଡିଯାଉଥିବା
ମଉଳି ଯାଉଥିବା ମନ୍ମୟ ମନରୁ
କୋହକୁ ନା ଚାପିହୁଏ
ମନ ଭିତରେ
ନା' ବୋଲ ମାନୁନଥିବା
ଆଖିକୁ ଆଉଁସି ଆଉଁସି
ଆଶ୍ଳେଷି ଦେଇହୁଏ
ପତା ଭିତରେ ।

ଏବେ କାନ୍ଦିବାଟା ଯେତେ କଷ୍ଟ
ତହୁଁ କଷ୍ଟ
କୋହଚାପୀ ମୌନ ରହିବା
ତମେ ମତେ
ଛାଡ଼ିଯିବା ଯେତେ କଷ୍ଟ ନୁହଁ
ତହୁଁ କଷ୍ଟ
ଛଳନାର ଛଦ୍ମରୂପେ ଆଚ୍ଛାଦିତ
କରି ରଖିଦବା । ।

●

ମୋ.ନଂ.୯୪୩୧୧୧୩୬୫୮



# ମୁନୁଷ୍ ଲେଖେଁ ମୁନୁଷ୍ ଝନେ, ନାଟ୍ୟଭୂଷଣ ଜଗଦାନନ୍ଦ ..... (ଦ୍ୱିତୀୟ ପୃଷ୍ଠାର ଅବଶିଷ୍ଟାଂଶ)

କରି ପୂର୍ଣ୍ଣଚ୍ଛେଦ୍ ପଡ଼ିଯଉ........ ଇ ସପନ୍ ମତେ ହର୍‌ମେସା କୁଦଉଥିସି ।

<u>କୋଶଳ ପ୍ରବାହ : ଲେଖାଲେଖି ଜଗତ୍ ସାଙ୍ଗେ ନାଟ୍ୟ ସାଧନା ଦିଗେ ଆପଣଙ୍କୁ କେନ୍ କେନ୍ ଅନୁଷ୍ଠାନ ସମ୍ବର୍ଦ୍ଧନା ଆର୍ ସମ୍ମାନ ଦେଇଛନ ?</u>

ଜଗଦାନନ୍ଦ : ନିପା ନୂଆଦିଲ୍ଲୀ, ଆନ୍ତର୍ଜାତିକ ସୌଖୀନ୍ ନାଟ୍ୟସଂଘ, ଡେନ୍‌ମାର୍କ ଆର୍ ୟୁନେସ୍‌କୋ ସାଙ୍ଗେ ଅନୁବନ୍ଧିତ୍ 'ଉତ୍କଳ ଯୁବ ସାଂସ୍କୃତିକ ସଂଘ, କଟକ ତରଫ୍‌ରୁ 'ନାଟ୍ୟଭୂଷଣ', ଇଂଫା ପବ୍ଲିକ୍ ଚେରିଟେବଲ୍ ଟ୍ରଷ୍ଟ ଆଡ୍ରୁ 'ଶାରଳା ସମ୍ମାନ', ବରଗଡ଼ ପଞ୍ଚାଏତ ସ୍ୱୟଂ ଶାସିତ ମହାବିଦ୍ୟାଳୟ ତରଫ୍‌ରୁ 'ନାଟ୍ୟଭାରତୀ' ଆର୍ ଓଡ଼ିଶା ଥିଏଟର ଏକାଡ଼େମୀ, ଜ୍ୟୋତିବିହାର ବୁର୍ଲା ଆଡ୍ରୁ 'ନାଟ୍ୟଗୌରବ' ଉପାଧି ମିଳିଛେ । ଓଡ଼ିଶା ସାହିତ୍ୟ ଏକାଡ଼େମୀ ନୁଁ ୨୦୦୯ ମସିହାର୍ ଲାଗି ବରିଷ୍ଠ ଲେଖକ ସମ୍ମାନ ଆର୍ ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ଆଡ୍ରୁ ୨୦୧୪ ଲାଗି ପୁରସ୍କାର ପାଏବାର ସୁଯୋଗ ମିଳିଛେ । ଓଡ଼ିଶା ରାଜ୍ୟ ସାଧନ କେନ୍ଦ୍ର ଆଡ୍ରୁ ଶ୍ରେଷ୍ଠ ଲେଖକ ପୁରସ୍କାର ବି ମିଳିଛେ । ଇତାର୍ ବାଦ୍ ପାଖାପାଖି ୭୫ଟା ନାଁକରା ଅନୁଷ୍ଠାନ ଠାନୁଁ ସମ୍ବର୍ଦ୍ଧନା ଆର୍ ସମ୍ମାନ ମିଳି ପାରିଛେ ଆଏଜ୍ ପତେ ମା' ସରସ୍ୱତୀଙ୍କର୍ କରୁଣା ନୁଁ ।

<u>କୋଶଳ ପ୍ରବାହ : ଗିଆନୀ ଗୁନୀ ଲୋକ୍ କହେସନ୍, ଆଜିର୍ ସମାଜ୍ ଥି ମୁନୁଷ୍‌ପନିଆଁ କେ ବେମାର୍ ଧଏଲାନ' । ଆପଣ୍ କାଣା କହେବେ ?</u>

ଜଗଦାନନ୍ଦ : ଗିଆନୀ ଗୁନୀ ଲୋକ୍ ଯାହା କହୁଛନ୍, ସେଟା କେନ୍‌ତା କରି ମିଛ୍ ହେବା ! ସତ୍ କଥା ଆଏ । ଆଜିର୍ ସମାଜ୍ ଥି ଦୁର୍‌ବଲ୍ ହେଇ ହେଇ ଆସୁଛେ ମୁନୁଷ୍‌ପନିଆଁ । ବଡ଼୍‌ଭାଗି ଲୁକର୍ ଛାତି ଥି ହୁରୁଦ୍ ଟେ ନୁରିକରି ପାଏବାର୍ ବଡ଼ା କାଠିକର୍ ହେଲାନ' । ହିଁସା ଅହଁକାର ଏଛିନ୍ ରଜା ହେଇଛେ ମୁନୁଷର୍ ମୁଡ଼େ । ସେନ୍‌ହୋ ଶର୍‌ଧା କେ ଆଧାର୍ କରି ଜୀବନ୍ ଜୀଁବାର୍‌ଟା କେନେ ଖୁଜ୍‌ଲେ ନୁର୍‌ଲେ ହେଲେ ପାଏବ' ! ସମାଜର୍ ଇ' ବିପରୀତ୍ ଗମନ୍ କେ ଠଅଁକେଇ କରି ଗିଆନୀ ଗୁନୀ ହେ କଥା କହିଛନ୍ । ଠିକ୍ ବି କହିଛନ୍ । ମୋର୍ ଆଁଖି ବି ହେନ୍‌ତା ଦିଶୁଛେ । ମାହାପୁରୁ କରୁ, ମୁନୁଷ୍ ସମାଜ ମୁନୁଷ୍‌ପନ୍ କେ ନୁରୁ । ମୁନୁଷର୍ ଛାତି ଥି ହୁରୁଦ୍ ଗୁଡ଼ା କରି ରହୁ ।

<u>କୋଶଳ ପ୍ରବାହ : ଗୁର୍‌ଦୁ ଟେ ମଚାନ୍ ଥି ଆମର୍ ଭାଷାର୍ ନାଟ୍ ଦର୍‌ଶକ୍ ମାନ୍‌କର୍ ମନ୍ କେ ଟାନି ନେବାର୍ ଥି ସଫଲ୍ ହଉଛେ । ଇ' ଦିଗେ ଆପଣଙ୍କର୍ ପଦକ୍ଷେପ.... !</u>

ଜଗଦାନନ୍ଦ : କୋଶଲ ମାଏଟ୍ ଥି ମୁଇଁ ବି ଜନମ୍ ହେଇଛେଁ । ମାଁ ମାଏଟ୍ ପରତି ମୋର୍ ବି ଖୋବ୍ ଲହଁପନ୍ ରହିଛେ । ମୋର୍ ମାତୃଭାଷା ଥି ସାହିତ୍ୟ ସୃଷ୍ଟି ଦିଗେ ମୁଇଁ ବି ପାହା ଲମେଇଛେଁ । ଆମର୍ ଭାଷା ଥି ଆମର୍ ଜୀବନ୍ ଧାରାକେ ନେଇକରି 'ଥକାମନ ଚାଲିଯିବା', 'ଇ ଯୁଗର୍ ଗାନ୍ଧୀ', 'ହିତର୍ କଥା ଗୁଟେ ଶୁନ', 'ଗାନ୍ଧୀ ମହାତ୍‌ମାର୍ ଚସ୍‌ମା', 'ନୂଆଁ ସପନ୍'....ଲେଖେଁ ଗୁର୍‌ଦୁ ନାଟ୍ ଲେଖିଛେଁ । ପୁଓ ନାତି ବଏସର୍ ଛୁଆକର୍ ସାଙ୍ଗେ ଅଭିନୟ କରିଛେଁ । ଗୁର୍‌ଦୁ ଟେ ଶାନ୍ତି ପାଇଛେଁ ବି । ଆଏବାର୍ ସମିଆଁ ଥି ଆର୍ ବି ଅନେକ୍ କାମ୍ କର୍‌ବାର୍ ଲାଗି ମନ୍ ଘିଚୁଛେ । ସମ୍ବଲପୁର, ବରଗଡ଼, ଦାମନ୍‌ଯୋଡ଼ି, ବଲାଙ୍ଗିର୍ ଆଦି ସହର୍ ଥି ହଉଥିବାର୍ ନାଟ୍‌ବାଦୀ ମାନ୍‌କୁ ବିଚାରକ୍ ଭାବେ ବି ସାମିଲ୍ ହେଇଛେଁ । ମନ ବଖରା କେ ଶୀତଲ୍ ଛଏଁରା ଦେଇଛେଁ ।

<u>କୋଶଳ ପ୍ରବାହ : ଗୁର୍‌ଦୁ ଟେ ନାଟକ୍ ଥି ଅଭିନୟ କର୍‌ବାର୍ ସାଙ୍ଗେ ସାଙ୍ଗେ ନିର୍ଦ୍ଦେଶନା ଦେବାର୍ ଦାୟିତ୍ୱ ବି ଆପଣ୍ ବହନ୍ କରିଛନ୍ । ତ' କେନ୍ ନାଟକ୍ ଥି ଅଭିନୟ କରି ଆର୍ କେନ୍ ନାଟକ୍‌ର ନିର୍ଦ୍ଦେଶନା ଦେଇକରି ବେଶୀ ଉସତ୍ ହେଇଛନ୍ ?</u>

ଜଗଦାନନ୍ଦ : ବିଜୟ ମିଶ୍ରଙ୍କର୍ 'ଶବ ବାହକମାନେ', କୁଂଜ ରାଏଙ୍କର୍ 'ବିଦାୟ ବଜ୍ରାଦିତ୍ୟ', ବିଶ୍ୱଜିତ୍ ଦାସଙ୍କର୍ 'ନାଲିପାନ ରାଣୀ କଳାପାନ ଟିକା', ରଣଜିତ ପଟ୍ଟନାୟକଙ୍କର୍ 'ଗୋଇଠା ବାବା', ନିଜର୍ ଲେଖିଲା 'ହିତର୍ କଥା ଗୁଟେ ଶୁନ୍', ହବିବ୍ ତନ୍‌ବିର୍‌ଙ୍କର୍ 'ଚରନ୍‌ଦାସ୍ ଚୋର୍' ଆଦି ନାଟକ୍ ଥି ଅଭିନୟ କରି ମତେ ଖୋବ୍ ଆନନ୍ଦ୍ ମିଳିଛେ । ହେନ୍‌ତା ମଙ୍ଗଲୁ ଚରଣ ବିଶ୍ୱାଲଙ୍କର 'ଭୁଖା', ଡ. ସଦାନନ୍ଦ ଅଗ୍ରୱାଲାଙ୍କର୍ 'ରକତ୍', ନିଜର୍ ଲେଖିଲା 'ଥକାମନ ଚାଲିଯିବା', ବିଜୟ ତେନ୍ଦୁଲକରଙ୍କର୍ 'ଦମ୍ଭଦ୍ୱୀପ', ଡ. ନୀଳାଦ୍ରିଭୂଷଣ ହରିଚନ୍ଦନ୍‌ଙ୍କର୍ 'ଭୀମଭୋଇଙ୍କ ସନ୍ଧାନରେ', ପ୍ରମୋଦ କୁମାର ତ୍ରିପାଠୀଙ୍କର 'ଶୁଣ ପରୀକ୍ଷ ଦଣ୍ଡଧାରୀ', ଡ. ସର୍ବେଶ୍ୱର ଦୟାଲ୍ ସକ୍‌ସେନାଙ୍କର୍ 'ବକ୍‌ରୀ' ଲେଖେଁ ନାଟକ୍ ନିର୍ଦ୍ଦେଶନା ଦେଇକରି ବହୁତ୍ ଉସତ୍ ହେଇଛେଁ ।

<u>କୋଶଳ ପ୍ରବାହ : ନାଟ୍ ସାଙ୍ଗେ ସିନେମା ଜଗତ୍ ଥି ବି ଆପଣ୍ ଝନେ ନାଁ କମେଇଥିବାର୍ କଳାକାର । କେନ୍ କେନ୍ ସିନେମା ଥି ରୋଲ୍ କର୍‌ବାର୍ ସୁଯୋଗ ଆଏଜ୍ ତକ୍ ପାଇଛନ୍ ?</u>

ଜଗଦାନନ୍ଦ : ତିନ୍‌ଟା ଫିଚର୍ ଫିଲ୍ମ ! 'ଭୁଖା', 'ଉଲ୍‌ଗୁଲାନ୍' ଆର୍ 'ଆଦିମ୍ ବିଚାର୍' । ଧାରାବାହିକ 'ସବିତା' । ଟେଲିଫିଲ୍‌ମ୍ 'ଅଝଟି' । ଦିଲ୍ଲୀ ଦୂରଦର୍ଶନ ତର୍‌ଫୁ ପ୍ରସାରିତ ୨ଟା ହିନ୍ଦୀ ଟେଲି ଫିଲ୍‌ମ୍ 'ପାବ୍‌ଲୀ' ଆର୍ 'ପ୍ରତିଶୋଧ' । 'ଚେତନା', 'ବଏଲାରେ', 'ଈଶ୍ୱର', 'ମୁନୁଷ୍‌ପନିଆଁ' ଶୀର୍ଷକ୍‌ର କମ୍ ସମିଆଁର ସିନେମା ସାଙ୍ଗେ 'ଜଗତ ଜନନୀ' ଭଜନ୍ ଆଲ୍‌ବମ୍ ଥି ବି ଅଭନୟ କର୍‌ବାର୍ ସୁଯୋଗ ପାଇଛେଁ ।



<u>କୋଶଳ ପ୍ରବାହ : ସିନେମା ଥି ଅଭିନୟ କଲା ବେଲ୍‌କେ କିଛି ନେଇଁ ପାଶ୍‌ରି ହେଲା ବାଗିର୍ ଘଟ୍‌ନା..... !</u>

ଜଗଦାନନ୍ଦ : 'ସବିତା' ସିରିଏଲ୍‌ରେ ଜୁଆଙ୍ଗମାନଙ୍କର୍ ଆଧ୍ୟାତ୍ମିକ ମୁଖିଆ 'ନାଗମ୍' ଭୂମିକା ଥି ଅଭିନୟ କରୁଥାଏଁ, ପୂରା ଗୁଟେ ଏପିସୋଡ୍ ଲାଗି କଥାନୀ । ସରସ୍ ଭଙ୍ଗି ଥି ଜୁଆଙ୍ଗ୍ ମାନ୍‌କର୍ ଉତ୍‌ପତ୍ତି ଗାଥା ବଖାଣିବାର୍ ଥାଏ । ଗୁଟେ ଟେକ୍ ଥି ପାଖାପାଖି କୁଡ଼େ ମିନିଟ୍‌ର ଅଭିନୟ ଦେଇକରି ମୋର୍ ପ୍ରଖ୍ୟାତ୍ ନିର୍ଦ୍ଦେଶକ୍ ସବ୍ୟସାଚୀ ମହାପାତ୍ର ଆର୍ ବୃକୋଦର୍ ମହାପାତ୍ର (ଚିନ୍‌ଟୁ) କେ ମୁଇଁ ଖୁସ୍ କରି ଦେଇ ପାରିଥିଲିଁ । ଇ କଥାଟା ମୁଇଁ କେଭେ ପାଶ୍‌ରି ନେଇଁପାରେଁ ।





<u>କୋଶଳ ପ୍ରବାହ : ଆଜିର୍ ଗୁନ୍ଦ୍‌ଲାଗୁପା ସମିଆଁ ଥି ଝନେ ଗହକି ସଉକି ମୁନୁଷ୍ କେ ବାଁଚ୍‌ବାର୍ ଲାଗି ବଡ଼ା କଠିନ୍ ଆଏ ! ଇତାର୍ ଉପ୍‌ରେ ଆପଣଙ୍କର୍ ଦୃଷ୍ଟି ?</u>

ଜଗଦାନନ୍ଦ : ତଥାପି ଗହକିଆ ସଉକିଆ ମୁନୁଷ୍‌ର ଜଏ ଅଛେ । ଘୁଁଚିଦେଲେ ନସିଯିବା ସବୁକଥା ।

<u>କୋଶଳ ପ୍ରବାହ : : ଆଗାମୀ ପିଢ଼ିକେ ଆପଣ୍ କାଣା କହେବେ ?</u>

ଜଗଦାନନ୍ଦ : ମୁଇଁ ବାର୍‌ତା ତ' ନେଇଁ ଦିଏଁ । ଆହ୍ୱାନ୍ ଦେମିଁ । ପରମପିତାଙ୍କର୍ ସନ୍ତାନ ହେଇଥିବାର୍ ଭାବ୍‌ନା ରଖିକରି ନିଜର ମହାନ୍ ମହତ୍ ଧରି ବଁଚ୍‌ବାର ଉଚିତ୍ । ଭାବ୍ ବନ୍ଧନ୍ ଥି ଜଗତ୍ କେ ବାନ୍ଧି ରଖ୍‌ବାର୍ ଲାଗି ସଭେ ଚେଷ୍ଟା କର୍‌ବାର୍ କଥା ।

<u>କୋଶଳ ପ୍ରବାହ : କବି, ଲେଖକ ମାନ୍‌କୁ କାଁଣା କହେବେ ଆଜିର୍ ସମିଆଁ ଥି ?</u>

ଜଗଦାନନ୍ଦ : କବି, ସାହିତ୍ୟିକ ମାନେ ତ' ସ୍ୱୟଂ ବ୍ରହ୍ମା ଆନ୍ । ସୃଷ୍ଟି କର୍‌ବାର୍ ତାକତ୍ ତାକର୍ ଭିତ୍‌ରେ ଅଛେ । ତଥାପି ସେମାନକର୍ ଲାଗି ମୁଇଁ କହେମି, 'ଖୋବ୍ ପଢ଼.... କମ୍ ଲେଖ ।' ଗୁର୍‌ଦୁ ଟେ କଥା ଜାନ୍‌ବାର୍ ଅଛେ ଜୀବନ୍ ଥି । ମାହାପୁରୁ ଏଡ଼େ ନୁକୋ ଜୀବନ୍ ଟେ ଦେଇଛେ, ଇତାକେ ପୂର୍ଣ୍ଣତା ଦେବାର୍ ଲାଗି ହର୍‌ମେସା ଜ୍ଞାନ୍ ଅର୍ଜନ୍ କରବାର୍ ଦଉଡ୍ ଜାରି ରହେବାର୍ କଥା । ମା' ବାଗ୍‌ଦେବୀ ସମ୍‌କୁ ସାହା ହେଇଥଉ । ।

# ଡବଲ୍ ମର୍ଡର : ପୁତୁରା ଖୁଡ଼ିଙ୍କୁ ଡାହାଣୀ ସନ୍ଦେହ କରି ହତ୍ୟା କଲା, କକା ହତ୍ୟା କଲା ପୁତୁରାକୁ

ଗୁମ୍ଲା : ଝାରଖଣ୍ଡର ଗୁମ୍ଲା ଜିଲ୍ଲାର ଚେନପୁର ବ୍ଲକରେ ଡବଲ୍ ମର୍ଡରର ଏକ ଆଶ୍ଚର୍ଯ୍ୟଜନକ ମାମଲା ସାମ୍ନାକୁ ଆସିଛି । ଜଣେ ଯୁବକ ସନ୍ଦେହ କରିଥିଲା ଯେ, ତା' ଖୁଡ଼ି ଡାହାଣୀ ବିଦ୍ୟା ଅଭ୍ୟାସ କରୁଛନ୍ତି । ଏହି ଯୁବକ ଜଣକ ନିଜ ଖୁଡ଼ିଙ୍କୁ ଡାହାଣୀ ଭାବି ହତ୍ୟା କରିଥିଲା । ଯଦିଓ ଏହି ଘଟଣା ଝାଡଖଣ୍ଡର ଗ୍ରାମାଂଚଳରେ ଏକ ନୂଆ କଥା ନୁହେଁ, କିନ୍ତୁ ଏହା ପରେ ଯାହା ଘଟିଛି, ତାହା କିଂତୁ ସାଧାରଣ ନୁହେଁ । ଯେତେବେଳେ କକା ପୁତୁରାର ଏହି କାର୍ଯ୍ୟ ବିଷୟରେ ଜାଣିବାକୁ ପାଇଲେ, ସେତେବେଳେ ସେ ତାଙ୍କ ପତ୍ନୀଙ୍କ ହତ୍ୟାକାରୀ ଅର୍ଥାତ୍ ପୁତୁରାକୁ ହତ୍ୟା କରିଥିଲେ । ପୋଲିସ ହାତରେ ଦୁଇଟି ମୃତଦେହ ମିଳିଥିବା ବେଳେ ଜଣେ ହତ୍ୟାକାରୀ ଜେଲରେ ଅଛନ୍ତି ।

କୁରୁମଗଡ ପୋଲିସ ଷ୍ଟେସନ ପରିସରରେ ଥିବା ସିଭିଲ୍ ଗ୍ରାମରେ ଡାହାଣୀ ସନ୍ଦେହରେ ହତ୍ୟା ମାମଲା ଏପରି ହୋଇଛି ଯେ, ୨୩ ବର୍ଷୀୟ ରାଜପାଲ ମୁଣ୍ଡା ନିଜ ସମ୍ପର୍କୀୟ ୫୫ ବର୍ଷିୟ ଭୀନସାରୀ ଦେବୀଙ୍କୁ ଅନେକ ଦିନ ଧରି ଡାହାଣୀ ବୋଲି ସନ୍ଦେହ କରି ଆସୁଥିଲା ।

ସୂଚନାନୁସାରେ, ଗତ କିଛି ଦିନ ହେବ ରାଜପାଲର ଘରେ ଲୋକମାନେ ଅସୁସ୍ଥ ହୋଇ ପଡିଥିଲେ । ସନ୍ଦେହ ହେତୁ ରାଜପାଲ ଭିନସାରୀଙ୍କ ଘରକୁ ଯାଇଥିଲା । ଭିନସାରୀ ଘରେ ଏକୁଟିଆ ଥିଲେ । ଭିନସାରୀଙ୍କ ସ୍ୱାମୀ ମାଗଦେବ ମୁଣ୍ଡା ଚାଷ ଜମିକୁ ଯାଇଥିଲେ । ଘରକୁ ଯାଇ ରାଜପାଲ କୁରାଢ଼ି ଦ୍ୱାରା ଭିନସାରୀଙ୍କୁ ହତ୍ୟା କରିଥିଲା ।

ଏହା ପରେ କିଛି ଗ୍ରାମବାସୀ ଫାର୍ମକୁ ଯାଇ ମାଗଦେବଙ୍କୁ ହତ୍ୟା ବିଷୟରେ ଜଣାଇଥିଲେ । ମାଗଦେବ କ୍ରୋଧରେ ଘରେ ପହଂଚିବା ପରେ ନିଜ ପତ୍ନୀଙ୍କ ମୃତଦେହ ଦେଖିବା ପରେ ରାଗି ଯାଇଥିଲେ । ସେ ରାଜପାଲକୁ ଘରକୁ ଡାକି ହତ୍ୟାକାଣ୍ଡର କାରଣ ପଚାରିଥିଲେ । ଯେତେବେଳେ ରାଜପାଲ ସ୍ପଷ୍ଟ ଭାବରେ କହିଥିଲା, ତୁମର ପତ୍ନୀ ଜଣେ ଡାହାଣୀ, ମାଗଦେବ ତାକୁ ଚାହିଁଲେ ନାହିଁ, ଘରେ ରଖାଯାଇଥିବା ଟାଙ୍ଗି ସାହାଯ୍ୟରେ ରାଜପାଲର ମୁଣ୍ଡ ଉପରେ ଆକ୍ରମଣ କରିଥିଲେ । କୌଣସି ସମୟ ମଧ୍ୟରେ ଏହି ହତ୍ୟା ଖବର ସମଗ୍ର ଅଂଚଳରେ ବ୍ୟାପିଗଲା ଏବଂ ଗାଁ ସ୍ତବ୍ଧ ହୋଇଗଲା ।

ଗୁରୁବାର ସକାଳେ କୁରୁମଗଡ଼ ପୋଲିସ ସୂଚନା ପାଇ ପୋଲିସ ଉଭୟ ମୃତଦେହ ଏବଂ ଅପରାଧରେ ବ୍ୟବହୃତ କୁରାଢ଼ି ଜବତ୍ କରିଥିଲା । ହତ୍ୟା ମାମଲାରେ ଅଭିଯୁକ୍ତ ମାଗଦେବ ମୁଣ୍ଡାଙ୍କୁ ଗିରଫ କରାଯାଇଥିଲା ଏବଂ ଉଭୟ ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଯାଇଥିଲା ।

# ପ୍ରେମିକ ସହ ମିଶି ସ୍ୱାମୀଙ୍କୁ ହତ୍ୟା କରିଥିଲେ ପତ୍ନୀ : ୧୦ ବର୍ଷ ପରେ ଧରା ପଡ଼ିଲେ




ନୂଆଦିଲ୍ଲୀ : ଦିଲ୍ଲୀ ନିବାସୀ ରବିଙ୍କ ୨୨ ମାର୍ଚ୍ଚ ୨୦୧୧ରେ କାପସହେଡ଼ା ଠାରେ ହତ୍ୟା କରାଯାଇଥିଲା । ଏହି ହତ୍ୟାକାଣ୍ଡ ପରଠାରୁ ରବିଙ୍କ ପତ୍ନୀ ଫେରାର୍ ଥିଲେ । ଏହି ସମୟ ମଧ୍ୟରେ ସଂପୃକ୍ତ ଅଭିଯୁକ୍ତ ପତ୍ନୀ ଦେଶର ଭିନ୍ନ ଭିନ୍ନ ସ୍ଥାନରେ ଲୁଚି ରହୁଥିଲେ । କିନ୍ତୁ ଏବେ ୧୦ ବର୍ଷ ପରେ ଦିଲ୍ଲୀ ପୁଲିସର କ୍ରାଇମ୍ ବ୍ରାଂଚ ଅଭିଯୁକ୍ତ ପତ୍ନୀଙ୍କୁ ଗିରଫ୍ କରିଥିବା ଜଣାପଡ଼ିଛି । ଏଠାରେ ସୂଚନାଯୋଗ୍ୟ ଯେ, ଫେରାର୍ ପତ୍ନୀଙ୍କ ଉପରେ ୫୦ ହଜାର ଟଙ୍କାର ପୁରସ୍କାର ରାଶି ମଧ୍ୟ ପୋଲିସ ପକ୍ଷରୁ ଘୋଷଣା କରାଯାଇଥିଲା । ତେବେ ପୋଲିସ ତାଙ୍କୁ ରାଜସ୍ଥାନର ଅଲ୍ୱର୍‌ରୁ ଗିରଫ୍ କରିଛି । ପତ୍ନୀ ସକୁନ୍ତଳା ପ୍ରେମିକ କମଲ୍ ସହ ମିଶି ରବିଙ୍କ ହତ୍ୟା କରିଥିବା ବେଳେ କମଲ୍‌କୁ ପୋଲିସ ୨୦୧୮ରେ ଗିରଫ୍ କରିବାରେ ସଫଳ ହୋଇଥିଲା । ତେବେ କୌଣସି ବିଶ୍ୱସ୍ତ ସୂତ୍ରରୁ ପୋଲିସ ଖବର ପାଇ ସକୁନ୍ତଳାଙ୍କୁ ରାଜସ୍ଥାନର ଅଲ୍ୱର୍‌ରୁ ଗିରଫ୍ କରିଛି । ଦୀର୍ଘ ୧୦ ବର୍ଷ ପରେ ସ୍ୱାମୀ ହତ୍ୟାକାରିଣୀ ପତ୍ନୀ ପୋଲିସ ହାତରେ ଧରାପଡ଼ିଥିବା ବେଳେ ଏହି ଘଟଣା ଅଂଚଳରେ ଚହଳ ସୃଷ୍ଟି କରିଛି ।

# ଆଫଗାନିସ୍ତାନ ରାଷ୍ଟ୍ରପତି ଇମ୍ରାନଙ୍କ ଉପରେ ବର୍ଷିଲେ : କହିଲେ, ତାଲିବାନକୁ ସାହାଯ୍ୟ କରିବା ପାଇଁ ପାକିସ୍ତାନ ୧୦ ହଜାର ଜିହାଦୀ ପଠାଇଛି

ତାସକେଂଟ : ତାଲିବାନକୁ ସାହାଯ୍ୟ କରୁଥିବା ଅଭିଯୋଗକୁ ନେଇ ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ଶବ୍ଦ ଯୁଦ୍ଧ ତୀବ୍ର ହୋଇଛି । ଉଜବେକିସ୍ତାନର ରାଜଧାନୀ ତାସକେଂଟ୍‌ରେ ଆୟୋଜିତ ହୋଇଥିବା ଏକ ଆନ୍ତର୍ଜାତୀୟ ସମ୍ମିଳନୀରେ ଆଫଗାନିସ୍ତାନ ରାଷ୍ଟ୍ରପତି ଆଶରଫ ଘାନି ତାଲିବାନକୁ ସମର୍ଥନ କରୁଥିବା ଅଭିଯୋଗ ଆଣି ପାକିସ୍ତାନକୁ କଡ଼ା ସମାଲୋଚନା କରିଛନ୍ତି ।

ବଡ କଥା ହେଉଛି, ଏହି ସମୟ ମଧ୍ୟରେ ପାକିସ୍ତାନୀ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ମଧ୍ୟ ମଂଚ ଉପରେ ବସିଥିଲେ । ଘାନି କହିଛନ୍ତି ଯେ, ତାଲିବାନକୁ ସାହାଯ୍ୟ କରିବା ପାଇଁ ପାକିସ୍ତାନ ଆଫଗାନିସ୍ତାନକୁ ୧୦,୦୦୦ ଜିହାଦୀ ପଠାଇଛି ।



# ଆଭ୍ୟନ୍ତରୀଣ ଦେଢଶୂଳୀ ପଂଚାୟତରେ ନାରୀ ଶିକ୍ଷା : ପ୍ରଥମ ସ୍ନାତକୋତ୍ତର ଛାତ୍ରୀ ସୁଶାନ୍ତି ମାଝୀ

ମ.ରାମପୁର, (ହେମନ୍ତ ସାହୁ) : ଦିନେ ନାରୀ ଶିକ୍ଷାର ଚିତ୍ରକୁ ଥୋଇବାକୁ ଯାଇ ଫକୀରମୋହନ ସେନାପତି ରେବତୀ ଗଳ୍ପ ରଚନା କଲେ । ଯେଉଁଠି ତାର ଜେଜେମା', ରେବତୀକୁ ପଠପଢିବାକୁ ବାରଣ କରୁଥାଏ । କିନ୍ତୁ ପରେ ପରେ ଏହି ଚିତ୍ରରେ ପରିବର୍ତ୍ତନ ଦେଖାଗଲା । ସେହି ଜେଜେମା' ମାନେ ହିଁ ନିଜ ନାତୁଣୀଙ୍କୁ ପାଠ ପଢିବାକୁ ପରାମର୍ଶ ଦେଲେ । ତେବେ ଆଭ୍ୟନ୍ତରୀଣ ଇଲାକାରେ ପାଠକଥା କହିଲେ, ପିଲାମାନେ ବି ଦୂରେ ରୁହନ୍ତି ପାଠପଢାରୁ । ବଣମୁଲକରେ ଏମିତି ହିଁ ଦିନ କାଟି ଦିଅନ୍ତି ସିନା ପାଠ କଥା କେହି ଚିନ୍ତା କରନ୍ତି ନାହିଁ । ତେବେ ଶିକ୍ଷାର ପ୍ରସାର ହେଇଛି, ପ୍ରଭାବ ବି ବଢିଛି । ଏବେ ଏବେ ଏହି ସବୁ ଆଭ୍ୟନ୍ତରୀଣ ଇଲାକାରୁ ବାହାରକୁ ଯାଇ ପିଲାମାନେ ଉଚ୍ଚ ଅଧ୍ୟୟନ କରୁଛନ୍ତି । ସେମିତି ଏକ ଉଦାହରଣ ଆମ ସାମ୍ନାକୁ ଆସିଛି । ଦିନେ ଦୁର୍ଗମ ଅଂଚଳ ଭାବରେ ପରିଚିତି ଲାଭ କରିଥିବା କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ଆଦିବାସୀ ଅଧ୍ୟୁଷିତ ପଂଚାୟତ ଦେଢଶୂଳୀ । ଯାହା ମାଣିକେରା ଠାରୁ ପ୍ରାୟ ୧୨କିଲୋମିଟର ଦୂରରେ ଅବସ୍ଥିତ । ମାଓପ୍ରବଣ ତଥା ବଣପାହାଡରେ ଘେରା ଇଲାକା । ଏବେ ଏବେ ପ୍ରଧାନମନ୍ତ୍ରୀ ସଡକ ବିରିପୋଡି ଯାଏଁ ଲମ୍ବିଛି । ତେବେ ଏହି ବିରିପୋଡି ଗାଁରେ ରହୁଥିବା ଲମ୍ବୋଦର ମାଝୀ ଏବଂ ତାଙ୍କ ପତ୍ନୀ ସୁଡାଲି ମାଝୀଙ୍କ ପାଂଚ ପୁଅଝିଅ । ନିଜ କାମ ଧନ୍ଦା କରି ପରିବାରକୁ ଚଳେଇ ନିଅନ୍ତି ଲମ୍ବୋଦର । କିନ୍ତୁ ସୁଶାନ୍ତିର ପାଠପଢିବାର ଆଗ୍ରହ ପିଲାଟି ଦିନରୁ । ତେଣୁ ତାଙ୍କୁ ପ୍ରଥମେ ମୋହନଗିରୀ, ପରେ ଉର୍ଲଦାଦା ଏବଂ ଉର୍ଲଦାନୀଠାରୁ ଭୁବନେଶ୍ୱର କିସ ଯାଏଁ ପାଠ ପଢିବାକୁ ଗଲେ । କିସରେ ସେ ଏବେ ଓଡିଆ ବିଭାଗ ସ୍ନାତକୋତ୍ତର ଛାତ୍ରୀ । ତାଙ୍କ ପଂଚାୟତର ପ୍ରଥମ ସ୍ନାତକୋତ୍ତର ଛାତ୍ରୀ ସୁଶାନ୍ତୀ ମାଝୀ, ନିଜ ପ୍ରତିକ୍ରିୟାରେ କୁହନ୍ତି, ମୁଁ ପଂଚାୟତର ପ୍ରଥମ ପିଜି ଛାତ୍ରୀ ହେଇଥିବାରୁ ନିଜକୁ ଗର୍ବ ଅନୁଭବ କରେ ଏବଂ ମୋ ପ୍ରଭାବରେ ଆମ ପରିବାରେ ଥିବା ଅନ୍ୟ ଭାଇଭଉଣୀମାନେ ବି ପଢାପଢିରେ ଆଗେଇ ଚାଲିଛନ୍ତି । ଏଠାରେ ସୂଚନା ଯୋଗ୍ୟ ଯେ, ବିଶ୍ୱମହାମାରୀ କରୋନାର ପ୍ରଭାବ ଯୋଗୁଁ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ଥିବା ସହିତ ନିଜ ଗାଁ ତଥା ଆଖପାଖରେ ମୋବାଇଲ ନେଟୱାର୍କ ପାଉନଥିବାରୁ ଅନଲାଇନ କ୍ଲାସ କରିବାକୁ ସୁଶାନ୍ତି



ନିଜ ଅଂଚଳର ଆଉ କିଛି ଝିଅଙ୍କ ସହିତ ମ.ରାମପୁରଠାରେ ଘରଭଡା ନେଇ ରହୁଛନ୍ତି । କେବଳ ସେତିକି ନୁହେଁ ସୁଶାନ୍ତିଙ୍କ ପାଠପଢା ତାଙ୍କ ପଂଚାୟତର ଅନ୍ୟ ଝିଅମାନଙ୍କ ପାଇଁ ବି ଉଦାହରଣ ପାଲଟିଛି । କାରଣ ଏହି ସବୁ ଇଲାକାରେ ଅଳ୍ପ ବୟସରୁ ବାହା କରେଇଦେବା, ଶିକ୍ଷାପ୍ରତି ଗୁରୁତ୍ୱ ନଦବା ସବୁଦିନିଆ କଥା । ତାରି ଭିତରେ ସୁଶାନ୍ତିଙ୍କ ଏହି ସଫଳତା ତାଙ୍କ ସହିତ ପଂଚାୟତର ଅନ୍ୟ ଝିଅମାନଙ୍କୁ ପ୍ରେରଣା ଯୋଗାଉଥିବା କହିଛନ୍ତି ଏହି ପଂଚାୟତର ପ୍ରଥମ ଶିକ୍ଷକ ସୁବାସ ଚନ୍ଦ୍ର ମାଝୀ ।

# ମଧୁମେହ ରୋଗୀଙ୍କ ପାଇଁ କିଛି ନିହାତି ଜାଣିବା କଥା



ମଧୁମେହ ରୋଗୀ ମାନେ କିଛି ଦିଗ ପ୍ରତି ସତର୍କତା ଅବଲମ୍ବନ କଲେ, ସେମାନେ ସୁସ୍ଥ ରହିବାର ଅନେକ ସମ୍ଭାବନା ରହିଥାଏ । ଆସନ୍ତା ଏ ସଂପର୍କରେ ଆଜି ଆଲୋଚନା କରିବା । ମଧୁମେହ ରୋଗୀ ନିତିଦିନିଆ ଜୀବନ ଯାପନରେ ଶୃଙ୍ଖଳା ରକ୍ଷା କରିବା ଏକାନ୍ତ ଆବଶ୍ୟକ । ଉଚିତ ମାତ୍ରାରେ ଠିକ୍ ସମୟରେ ଖାଇବା, ଠିକ୍ ସମୟରେ ଶୋଇବା ଓ ଆବଶ୍ୟକତାନୁସାରେ ନିୟମିତ ଭାବେ ବ୍ୟାୟାମ କରିବା ଏକାନ୍ତ ଅପରିହାର୍ଯ୍ୟ ।

ଏକ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ନିଜ ଦେହରେ ସୁଗାର୍ ଲେବେଲ୍ କେତେ ଅଛି, ତାହା ଚିକିତ୍ସକଙ୍କ ପରାମର୍ଶ ଅନୁସାରେ ଟେଷ୍ଟିଂ କରାଇବା ଉଚିତ । ଏହାଦ୍ୱାରା ଔଷଧର ମାତ୍ରା ତଥା ଖାଦ୍ୟପେୟର ପ୍ରଭାବ ସଂପର୍କରେ ଜାଣିହୁଏ । ଏହି ଟେଷ୍ଟିଂ ରିପୋର୍ଟକୁ ଆଧାର କରି ଚିକିତ୍ସକ ଔଷଧର ମାତ୍ରା ବଢ଼ାଇବା ବା କମାଇବା ଉପରେ ପଦକ୍ଷେପ ନେଇଥାନ୍ତି ।

ଖାଦ୍ୟପେୟ ଉପରେ ବିଶେଷ ଧ୍ୟାନ ଦିଆଯିବା ନିହାତି ଦରକାର । ଡାକ୍ତରଙ୍କ ପରାମର୍ଶ ଅନୁସାରେ ଖାଦ୍ୟପେୟର ଚାର୍ଟ ପ୍ରସ୍ତୁତ କରି ଠିକ୍ ସମୟ ବ୍ୟବଧାରେ ଖାଦ୍ୟପେୟ ଗ୍ରହଣ କରିବା ବିଧେୟ ।

ଅଯଥା ମାନସିକ ଅବସାଦରୁ ନିଜକୁ ମୁକ୍ତ ରଖିବା ଏକାନ୍ତ ଆବଶ୍ୟକ । ଏହାଫଳରେ ମଧୁମେହ ରୋଗୀଙ୍କ ଉପରେ ବିଶେଷ ପ୍ରଭାବ ପଡ଼ିଥାଏ । ଆଧ୍ୟାତ୍ମିକ ଚିନ୍ତନ ତଥା ଯୋଗ, ପ୍ରାଣାୟାମ୍ ମଧୁମେହ ରୋଗୀଙ୍କ ପାଇଁ ବିଶେଷ ଲାଭଦାୟକ ପ୍ରମାଣିତ ହୋଇଛି ।

ମଧୁମେହ ରୋଗ ପାଇଁ ଭୟଭୀତ ହୁଅନ୍ତୁ ନାହିଁ । ରୋଗର ଆଶଙ୍କା ଓ ଭୟ ରୋଗୀ ପାଇଁ ବିପଦ ସୃଷ୍ଟି କରେ । ନିର୍ଭିକ ରୁହନ୍ତୁ । ଉଚିତ୍ ସମୟରେ ଔଷଧ ସେବନ କରନ୍ତୁ । ଖାଦ୍ୟପେୟ ଗ୍ରହଣରେ ଶୃଙ୍ଖଳା ଅବଲମ୍ବନ କରନ୍ତୁ । ଶାରୀରିକ ବ୍ୟାୟାମ ପ୍ରତି ଧ୍ୟାନ ଦିଅନ୍ତୁ ।

# ବ୍ରିଟେନରେ କରୋନାର ତୃତୀୟ ତରଙ୍ଗ ଅସମ୍ଭାଳ : ୬ ମାସ ପରେ ସର୍ବୋଚ୍ଚ ନୂତନ ମାମଲା, ୧୨୦୦ରୁ ଅଧିକ ବିଶେଷଜ୍ଞ କହିଛନ୍ତି – ଲକ୍‌ଡାଉନ୍‌କୁ ସମ୍ପୂର୍ଣ୍ଣ ରୂପେ ହଟାଇବା ବିପଦ୍‌ଜନକ ହେବ



ଲଣ୍ଡନ : ବ୍ରିଟେନ ବର୍ତ୍ତମାନ କରୋନା ମହାମାରୀର ତୃତୀୟ ତରଙ୍ଗର ଶିକାର ହୋଇଛି । ଶୁକ୍ରବାର ଦିନ, ୫୧,୮୭୦ ନୂତନ ମାମଲା ସହିତ ୬ ମାସର ରେକର୍ଡ ଭାଙ୍ଗିଛି । ଜାନୁଆରୀ ପରଠାରୁ ପ୍ରଥମ ଥର ପାଇଁ ବ୍ରିଟେନରେ ୫୦ ହଜାରରୁ ଅଧିକ ସଂକ୍ରମଣ ମାମଲା ଘଟିଛି, ଯେତେବେଳେ ପୁଣି ପ୍ରାୟ ୬୮ ପ୍ରତିଶତ ଜନସଂଖ୍ୟାର ସମ୍ପୂର୍ଣ୍ଣ ଟୀକାକରଣ କରାଯାଇଛି କିମ୍ବା ଅତି କମ୍‌ରେ ଗୋଟିଏ ଡୋଜ୍ ଦିଆଯାଇଛି । ଶନିବାର ସ୍ୱାସ୍ଥ୍ୟମନ୍ତ୍ରୀ ସାଜିଦ ଜାଭେଦ ମଧ୍ୟ କରୋନା ସଂକ୍ରମିତ ହୋଇଥିଲେ । କେଉଁ ପରିସ୍ଥିତିରେ ପରିସ୍ଥିତି ବିଗିଡି ଯାଉଛି, ତାହା ଦେଖି ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଚେତାବନୀ ଦେଇଛନ୍ତି ଯେ, ସରକାର ପୁଣି ଥରେ ଲକ୍‌ଡାଉନ୍ ଘୋଷଣା କରିବାକୁ ବାଧ୍ୟ ହେବେ । ଏଥି ସହିତ, ୧୨୦୦ରୁ ଅଧିକ ବିଶେଷଜ୍ଞ ସରକାରଙ୍କୁ ଚେତାବନୀ ଦେଇଛନ୍ତି ଯେ, ଲକଡାଉନ୍ ସହ ଜଡିତ ପ୍ରତିବନ୍ଧକକୁ ହଟାଇବା ବିପଜ୍ଜନକ ଏବଂ ଅନୈତିକ ହେବ ।ବ୍ରିଟେନ ୧୯ ଜୁଲାଇରୁ ସମସ୍ତ ପ୍ରତିବନ୍ଧକ ହଟାଇବାକୁ ପ୍ରସ୍ତୁତ ହେଉଛି । ଏହା ପୂର୍ବରୁ କରୋନା ମାମଲାରେ ଦ୍ରୁତ ଗତିରେ ବଢ଼ିବା କାରଣରୁ ସରକାରଙ୍କ ଚିନ୍ତା ବୃଦ୍ଧି ପାଇଛି । ଏହି ସମୟରେ, ବ୍ରିଟେନର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଜେରେମି ହଂଟ ଚେତାବନୀ ଦେଇଛନ୍ତି ଯେ, ସରକାର ପୁନର୍ବାର ଲକ୍‌ଡାଉନ୍ ଘୋଷଣା କରିବାକୁ ବାଧ୍ୟ ହୋଇପାରନ୍ତି । କମନ୍ସ ହେଲ୍‌ଥ୍ ଏଣ୍ଡ୍ ସୋସିଆଲ୍ କେଆର୍ କମିଟିର ସଭାପତି ହଂଟ ତୃତୀୟ ତରଙ୍ଗର ଭୟାବହତା ବିଷୟରେ କହିଥିଲେ । ସେ କହିଛନ୍ତି ଯେ, ପ୍ରତି ଦୁଇ ସପ୍ତାହରେ କରୋନାରୁ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଲୋକଙ୍କ ସଂଖ୍ୟା ଦ୍ୱିଗୁଣିତ ହେଉଛି । ପରିସ୍ଥିତି ଅତ୍ୟନ୍ତ ବିପଜ୍ଜନକ ଅଟେ ।

କରୋନା ଭୂତାଣୁର ଡେଲଟା ପ୍ରକାର ମୁଖ୍ୟତଃ ବ୍ରିଟେନରେ କରୋନାର ତୃତୀୟ ତରଙ୍ଗ ପଛରେ ରହିଛି । ଯେହେତୁ ତୃତୀୟ ତରଙ୍ଗ ଏକ ଭୟଙ୍କର ରୂପ ନେବାକୁ ଯାଉଛି, ସାରା ବିଶ୍ୱରେ ବିଶେଷଜ୍ଞ ମାନେ ବ୍ରିଟିଶ ସରକାରଙ୍କୁ ଲକ୍‌ଡାଉନ୍ ପ୍ରତିବନ୍ଧକକୁ ସମ୍ପୂର୍ଣ୍ଣ ରୂପେ ନ ହଟାଇବାକୁ ଚେତାବନୀ ଦେଇଛନ୍ତି । ବିଶ୍ୱର ୧୨୦୦ରୁ ଅଧିକ ବିଶେଷଜ୍ଞ ଗତ ମାସରେ ଲାନ୍‌ସେଟ୍‌ରେ ପ୍ରକାଶିତ ଏକ ଆର୍ଟିକିଲ୍‌କୁ ସମର୍ଥନ କରିଛନ୍ତି, ଯେଉଁଥିରେ ବ୍ରିଟେନର ସମସ୍ତ ପ୍ରତିବନ୍ଧକ ହଟାଇବାକୁ ବିପଦପୂର୍ଣ୍ଣ ଏବଂ ଅନୈତିକ ବୋଲି ବର୍ଣ୍ଣନା କରାଯାଇଛି । ତେବେ ବ୍ରିଟେନ ସରକାର ଲକ୍‌ଡାଉନ୍ କରିବା ନିଷ୍ପତ୍ତିରୁ ପଛକୁ ଫେରିବାର କୌଣସି ସମ୍ଭାବନା ନାହିଁ ବୋଲି କୁହାଯାଇଛି ।

# ଓଡ଼ିଶା ସାହିତ୍ୟ ଏକାଡ଼େମୀର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ : ପୁଇଁନ୍ତଲା ବ୍ଲକର ଛାତ୍ରଛାତ୍ରୀ ଯୋଗ ଦେଲେନାହିଁ



ବଲାଙ୍ଗିର, (ନିପ୍ର) : ଓଡ଼ିଶା ସାହିତ୍ୟ ଏକାଡ଼େମୀର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର (ଏନ୍ଆଇସି) ଠାରେ ଗତ ୧୪ ତାରିଖ ଦିନ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର କନିଷ୍ଠ ବର୍ଗ (ଷଷ୍ଠରୁ ଅଷ୍ଟମ ଶ୍ରେଣୀ) ଓ ବରିଷ୍ଠ ବର୍ଗ (ନବମ ଓ ଦଶମ ଶ୍ରେଣୀ)ଙ୍କୁ ନେଇ ଭିନ୍ନ ଭିନ୍ନ ସ୍ତରରେ ସାହିତ୍ୟ ସଂପର୍କିତ ବକ୍ତୃତା, ଦେଶାତ୍ମବୋଧ କବିତା ଆବୃତ୍ତି, ସାହିତ୍ୟ ସଂପର୍କିତ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଏହାକୁ ପରିଚାଳନା କରିଥିଲେ ଜିଲ୍ଲା ସଂସ୍କୃତି ଅଧିକାରୀ ବିଜୟ କୁମାର ଶତପଥୀ । ଏହି ପ୍ରତିଯୋଗିତାରେ ବିଚାରକ ଭାବେ ଯୋଗଦାନ କରିଥିଲେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ସନାତନ ଠାକୁର, ଡା. ଜ୍ୟୋତିର୍ମୟୀ ସାହୁ, ଆନଂଦ ଚଂଦ୍ର ସାହୁ, ଶୁଭ୍ରାଂଶୁ ଶେଖର ପଣ୍ଡା, ସବିତା ମହରା ଓ ସଂଦୀପ କୁମାର କୁଅଁର । ତେବେ ପ୍ରତିଯୋଗିତାର ଫଳାପଳ ଅନୁସାରେ ବରିଷ୍ଠ ବର୍ଗରେ ବକ୍ତୃତାରେ ସଇଁନ୍ତଲା ଓଏଭି.ର ଛାତ୍ରୀ ରାଜରାଣୀ ମହାନନ୍ଦ, ଆବୃତ୍ତିରେ ଏସ୍ଏସ୍ଭିଏମ୍, କଦମ୍ପଡ଼ା, ବଲାଙ୍ଗିରର ଛାତ୍ରୀ ଆର୍ଯ୍ୟାକୁମାରୀ ପୋଢ଼, ସାଧାରଣ ଜ୍ଞାନରେ ଖପ୍ରାଖୋଲ ବ୍ଲକ ବାଘମୁଡ଼ ଡିପିଏଚ୍ଏସ୍ ସ୍କୁଲର ଛାତ୍ରୀ ଭାରତୀ ସାହୁ ଏବଂ କନିଷ୍ଠ ବର୍ଗରେ ବକ୍ତୃତାରେ ତୁରେକେଲା ଓଏଭି.ର ଛାତ୍ରୀ କୁମାରୀ ସ୍ୱାତୀ ସୁଚରିତା ପାତ୍ର, ଆବୃତ୍ତିରେ ଖପ୍ରାଖୋଲ ଓଏଭି.ର ଛାତ୍ରୀ ଆଲଭା ଭୋଇ, ସାଧାରଣ ଜ୍ଞାନରେ ଆଗଲପୁର ମୁରସୁଁଡ଼ର ଉ.ପ୍ରା.ବିଦ୍ୟାଳୟର ଛାତ୍ରୀ ସୁନନ୍ଦାରାଣୀ ସାହୁ ଅନୁଷ୍ଠିତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରକୁ ଉନ୍ନିତ ହୋଇଥିବା ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଶତପଥୀ ପ୍ରକାଶ କରିଛନ୍ତି । ତେବେ ଏହି ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ପୁଇଁନ୍ତଲା ବ୍ଲକର କୌଣସି ଛାତ୍ରଛାତ୍ରୀ ଯୋଗଦାନ କରି ନଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ ଯେ, ଜିଲ୍ଲାର ସମସ୍ତ ବ୍ଲକ ଓ ପୌରାଂଚଳ ଏବଂ ଏନ୍ଏସି ଅଂଚଳର ଛାତ୍ରଛାତ୍ରୀମାନେ ଅନ୍ଲାଇନ୍ ମାଧ୍ୟମରେ ପ୍ରତିଯୋଗିତାରେ ଯୋଗଦାନ କରିଥିବା ବେଳେ ପୁଇଁନ୍ତଲା ବ୍ଲକର କୌଣସି ଛାତ୍ରଛାତ୍ରୀ ଏଥିରେ ଯୋଗଦାନ କରି ନଥିଲେ । ଏ ବିଷୟରେ ବିଚାରକମାନେ ଜିଲ୍ଲା ସଂସ୍କୃତି ଅଧିକାରୀ ବିଜୟ କୁମାର ଶତପଥୀଙ୍କୁ ପଚାରିବାରୁ ସେ କହିଥିଲେ ଯେ, ପ୍ରତିଯୋଗିତା ସଂପର୍କରେ ଉଚିତ ସମୟରେ ସୂଚନା ପ୍ରଦାନ କରାଯାଇଥିଲା । କିନ୍ତୁ କାହିଁକି ପୁଇଁନ୍ତଲା ବ୍ଲକ୍ର ଛାତ୍ରଛାତ୍ରୀମାନେ ଯୋଗଦାନ କଲେ ନାହିଁ, ତାହା ମୁଁ କହି ପାରିବିନାହିଁ । ତେବେ ପୁଇଁନ୍ତଲା ବ୍ଲକର ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରୁ ବଂଚିତ ହୋଇଥିବା ନେଇ ବିଚାରକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା ।

# ଅଶ୍ୱିନୀ ବୈଷ୍ଣବଙ୍କୁ କେନ୍ଦ୍ର ରେଳମନ୍ତ୍ରୀ ପଦ ମିଳିବା ପରେ ଦେଓଗାଁ ରେଳ ଷ୍ଟେସନରେ ଏକ୍ସପ୍ରେସ୍ ଟ୍ରେନ ରହିବା ନେଇ ଅଂଚଳବାସୀ ଆଶାବାଦୀ

ଦେଓଗାଁ, (ନିପ୍ର) : ଦେଓଗାଁ ରେଳ ଷ୍ଟେସନରେ ଏକ୍ସପ୍ରେସ ଟ୍ରେନ ରହଣୀ ପାଇଁ ବାରମ୍ବାର ଦାବୀ ହେଉଥିଲେ ମଧ୍ୟ ବାରମ୍ବାର ରେଳ ବିଭାଗ ଦେଓଗାଁବାସୀଙ୍କୁ ପ୍ରତାରଣ କରିଚାଲିଛି । ଏବେ ନୂତନ କେନ୍ଦ୍ର ରେଳ ମନ୍ତ୍ରୀ ଓଡ଼ିଶାର ଅଶ୍ୱିନୀ ବୈଷ୍ଣବ ପଦ ପାଇବା ପରେ ଓଡ଼ିଶାରେ ରେଳ ବିଭାଗର ବିକାଶ ହେବାର ଆଶା ବଢ଼ିବାରେ ଲାଗିଛି । ଖୋର୍ଦ୍ଧା-ବଲାଙ୍ଗିର ରେଳପଥକୁ ଗୁରୁତ୍ୱ ଦେବା ପରେ ଅଧିକ ଆଶା ଉଜ୍ଜୀବିତ ହୋଇଛି ଦେଓଗାଁବାସୀଙ୍କ ଉପରେ । ଦେଓଗାଁ ରେଳ ଷ୍ଟେସନରେ ଦ୍ରୁତଗାମୀ ରେଳ ଅଟକାଇବା ବିଷୟରେ ନୂଆ ରେଳମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲେ ଯଥା ଶୀଘ୍ର ଦେଓଗାଁ ଷ୍ଟେସନରେ ରେଳ ରହିବାର ସମ୍ଭାବନା ରହିଛି ବୋଲି ଅଂଚଳର ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ।

ସୂଚନା ଯୋଗ୍ୟ ଯେ, ଗତ ୨୦୧୮ମସିହା ଅଗଷ୍ଟ ୩ ତାରିଖ ଦିନ ହଜାର ହଜାର ଜନସାଧାରଣ ଦେଓଗାଁ ଷ୍ଟେସନରେ ଏକ୍ସପ୍ରେସ ଟ୍ରେନ ରହଣି ଦାବୀ ନେଇ ଦୀର୍ଘ ସମୟ ରାସ୍ତା ରୋକ କରିଥିଲେ । ସେହିଦିନ ୧ଟା ପରେ ରେଳ ବିଭାଗ ପକ୍ଷରୁ ଅତିରିକ୍ତ ଆଂଚଳିକ ଯନ୍ତ୍ରୀ ଆସି ମାତ୍ର ୭ ଦିନ ଭିତରେ ୧୮୩୦୧/ ୧୮୩୦୨ ତପସ୍ୱିନୀ ଏକ୍ସପ୍ରେସ ରହିବ ବୋଲି ପ୍ରତିଶୃତି ଦେଇଥିବା ବେଳେ ଅନ୍ୟତମ ଦାବୀ ପୁରୀ ଦୁର୍ଗ ଏକ୍ସପ୍ରେସ ରହଣି ପାଇଁ ଡିଆରଏମ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା ପରେ ଜଣାଇବେ ବୋଲି କହିବାରୁ ଆନ୍ଦୋଳନ ବନ୍ଦ ହୋଇଥିଲା । ସେହି ପ୍ରତିଶୃତି ରେଳ ବିଭାଗର ମନେ ନ ପଡିବାରୁ ପୁଣି ୧୭/୨/୧୯ରୁ ଷ୍ଟେସନ ସମ୍ମୁଖରେ ଧାରଣା ଦେବା ପରେ ୨୦ ତାରିଖ ଦିନ ରେଲରୋକ ହୋଇଥିଲା । ପୂର୍ବପରି ସେହିଦିନ ଦେଓଗାଁ, ଗୁଡଭେଲା ଓ ସଇଁନ୍ତଲା ବ୍ଲକ ଅଂଚଳରୁ ଶତାଧିକ ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ସାମିଲ ହୋଇ ଏକ୍ସପ୍ରେସ ଟ୍ରେନ ନ ରହିବା ପର୍ଯ୍ୟନ୍ତ ରାସ୍ତା ରୋକ ଆନ୍ଦୋଳନ ବନ୍ଦ କରାଯିବ ନାହିଁ ବୋଲି ଜିଦ୍ ଧରିଥିଲେ । ସେହିଦିନ ମଧ ଏସିଏମ୍ ଅର୍ଥାତ ଅତିରିକ୍ତ ବାଣିଜ୍ୟ ପରିଚାଳକ ଓ ବାଣିଜ୍ୟ ନିରୀକ୍ଷକ ଆସି ପୁଣି ୭ ଦିନ ମଧରେ ଏକ୍ସପ୍ରେସ ରହିବ ବୋଲି ପ୍ରତିଶୃତି ଦେଇ ଯାଇଥିଲେ ମଧ ଗାଡି ରହିବା ବିଷୟରେ ରେଳ ବିଭାଗର କୌଣସି ସୂଚନା ନାହିଁ ।

ବର୍ତ୍ତମାନ ସବୁ ପ୍ରକାର ବ୍ୟବସ୍ଥା ଓ ସୁବିଧା ଥିଲେ ମଧ ଜାଣି ଶୁଣି ରେଳ ବିଭାଗ ଦେଓଗାଁରେ ଏକ୍ସପ୍ରେସ ଟ୍ରେନ ରହଣୀ ହେଉନାହିଁ ବୋଲି ଅସନ୍ତୋଷ ଲାଗି ରହିଥିଲା । ତେଣୁ ବର୍ତ୍ତମାନ ଦେଓଗାଁ ଷ୍ଟେସନରେ ଏକ୍ସପ୍ରେସ ରହଣୀ ପାଇଁ ସବୁ ପ୍ରକାର ବ୍ୟବସ୍ଥା ଥିବାରୁ ତୁରନ୍ତ ରହିବାକୁ ନିର୍ଦ୍ଦେଶ ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବୀ ହେଉଛି ।

# ଦେଓଗାଁ ବ୍ଲକରେ ବର୍ଷା ଅଭାବରୁ ଧାନ ପହ୍ଳାର ବଦଳୁଛି ରଙ୍ଗ, ଜୁଲାଇ ୧୭ ଯାଏଁ ଗତବର୍ଷର ଅଧା ବି ବର୍ଷା ହୋଇନି ଏ ବର୍ଷ : ଚିନ୍ତାରେ ଚାଷୀ

ଦେଓଗାଁ, (ନିପ୍ର) : ପହ୍ଳା ପକାଇବା ୨୦ରୁ ୨୫ଦିନ ମଧରେ ରୋପଣ କଲେ ଠିକ୍ ଭାବେ ଗଜା ମାରିଥାଏ । ଠିକ ସମୟରେ ପହ୍ଳା ପକାଯାଇଥିବା ବେଳେ ବର୍ଷାର ଅଭାବରୁ ରୋପଣ କାମ ଆଗେଇ ପାରୁନାହିଁ । ଯାହାଫଳରେ ପହ୍ଳା ଘାରିରେ ପହ୍ଳା ପଡିରହିଛି । ଏବେ ପହ୍ଳା ବୁଣା ହେବାକୁ ବସିଲାଣି । ଏପରି କି ସବୁଜ ରଙ୍ଗର ପହ୍ଳା ଲାଲ ରଙ୍ଗ ହେଉଥିବା ଦେଖିବାକୁ ମିଳିଛି ଦେଓଗାଁ ବ୍ଲକର ବିଭିନ୍ନ ଚାଷୀଙ୍କ ଜମିରେ ।

ସୂଚନା ଯୋଗ୍ୟ ଯେ, ଗତ ଜୁନ ଦ୍ୱିତୀୟ ସପ୍ତାହରେ ମୌସୁମୀର ପ୍ରାରମ୍ଭିକ ବର୍ଷରେ ଚାଷୀମାନେ ଧାନ ଚାଷ ପ୍ରସ୍ତୁତି ଆରମ୍ଭ କରିଥିଲେ । କିଛି ଚାଷୀ ବୁଣି ଦେଇଥିବା ବେଳେ ପହ୍ଳାଘାରି ନିକଟରେ ପହ୍ଳା ପକାଇବାର ସୁବିଧା ଥିବାରୁ ବହୁ ଚାଷୀ ପହ୍ଳା ପକାଇ ଦେଇଥିଲେ । ସେହି ସମୟରେ ପକାଯାଇଥିବା ପହ୍ଳା ବର୍ତ୍ତମାନ ମାସେ ପାଖାପାଖି ହୋଇଯାଇଛି । ଯଦି ଜୁଲାଇ ପ୍ରଥମ ସପ୍ତାହରେ ବଡ ଧରଣର ବର୍ଷା ହୋଇଥିଲେ, ରୋପଣ କରିବା ପାଇଁ ଅଧିକ ସୁବିଧା ହୋଇଥାନ୍ତା । ବର୍ତ୍ତମାନ ବର୍ଷା ଅଭାବରୁ ଧାନ ଚାଷ ଆଗେଇ ପାରୁନାହିଁ । ଅନ୍ୟପକ୍ଷରେ ପହ୍ଳା ବୁଣା ହୋଇଥିବାରୁ ଆଉ ଥରେ ପହ୍ଳା ପକାଇବା ସମ୍ଭବ ନୁହେଁ । ଗତ ବର୍ଷ ହୋଇଥିବା ବର୍ଷାକୁ ଚାଷୀ ଆକଳନ କରି ଚାଷ ଆରମ୍ଭ କରାଯାଇଥିଲା । ଗତ ବର୍ଷ ଜୁନ ମାସରେ ୩୩୩.୬୦ ମିମି ବର୍ଷା ହୋଇଥିବା ବେଳେ ଚଳିତ ବର୍ଷ ଜୁନ ମାସରେ ୧୫୯.୪୦ ମିମି ବର୍ଷ ହୋଇଥିଲା । ଗତ ବର୍ଷ ଜୁଲାଇ ମାସରେ ୨୩୯.୨୦ ମିମି ବର୍ଷା ହୋଇଥିବା ବେଳେ ପୂର୍ବ ମାସ ଅର୍ଥାତ ଜୁନ ୨୦ରେ ୩୩୩.୬୦ ମିମି ବର୍ଷା ହୋଇଥିବାରୁ ଚାଷ କାମ ତୁରନ୍ତ ଆଗେଇ ଯାଇଥିଲା । ସେହିପରି ଗତ ବର୍ଷ ଜୁଲାଇ ୧୭ଦିନ ମଧରେ ୨୦୫.୪ ମିମି ବର୍ଷା ହୋଇଥିବା ବେଳେ ଚଳିତ ବର୍ଷ ୧୭ ତାରିଖ ସୁଦ୍ଧା ମାତ୍ର ୧୦୦.୮୦ ମିମି ବର୍ଷ ହୋଇଥିବା ରେକଡର୍ କହୁଛି । ଚଳିତ ବର୍ଷ ଯଦିଓ ଚାଷୀମାନେ ଧାନ ବିହନ ସଂଗ୍ରହ କରିବାରେ କୌଣସି ଅସୁବିଧାର ସମ୍ମୁଖୀନ ହୋଇନାହିଁ । ସେହିପରି ଠିକ ସମୟରେ ବର୍ଷା ଓ ସାର ମିଳିଲେ ଚାଷ ଠିକ ଚାଲିବ ବୋଲି ଆଶା କରିଥିବା ବେଳେ ବର୍ଷା ଅଭାବରୁ ଚାଷ ମରୁଡି ଆଡକୁ ମୁହାଁଉଛି ବୋଲି ଚାଷୀ ଚିନ୍ତାରେ ।

# ବିଜୁ ଜନତା ଦଳ ତରଫରୁ.....(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ରକ୍ତଦାନ କରିଥିଲେ । ମୁଖ୍ୟ ଅତିଥି ରୂପେ ଅତାବିରା ବିଧାୟକା ତଥା ପୂର୍ବତନ ମନ୍ତ୍ରୀ, ରାଜ୍ୟ ବିଜୁ ମହିଳା ଦଳର ସଭାନେତ୍ରୀ ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ ଫିତା କାଟି ଶିବିରକୁ ଉଦଘାଟନ କରିଥିଲେ । ଏହି ଅବସରରେ ନୂଆଁ ରୂପେ ଦଳର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରିଥିବା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଓ ବରଗଡ ବ୍ଲକ ଅଧକ୍ଷାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । କରୋନା ମହାମାରୀର ସମୟରେ ଉଲ୍ଲେଖନୀୟ ଅବଦାନ ପାଇଁ ବରଗଡର ବିଶିଷ୍ଟ ସମାଜସେବୀ ଶ୍ରୀମତୀ ସସ୍ମିତା ତ୍ରିପାଠୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । କାର୍ଯ୍ୟକ୍ରମକୁ ମହେଶ୍ୱତା ଆଚାର୍ଯ୍ୟ, ଟାଉନ ମହିଳା ସଭାପତି କଳ୍ପନା ମାଝୀ, ଜୟା ବେହେରା, ଟାଉନ ସଭାପତି କିଶୋର ମିଶ୍ର, ଯୁବ ସଂଗଠକ ଉମେଶ ଚନ୍ଦ୍ର ପଣ୍ଡା, ଓଡିଶା ମୋପରିବାରର ଜିଲ୍ଲା ସଂଯୋଜକ ଗୌରହରୀ ମିଶ୍ର, ଜୀବନ ବିନ୍ଦୁର ଜିଲ୍ଲା ସହ ସଂଯୋଜକ ଅଶ୍ୱିନୀ ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିଲେ ।

# ବଲାଙ୍ଗିର ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି ବୈଠକ

ବଲାଙ୍ଗିର, (ନିପ୍ର) : ସ୍ଥାନୀୟ ଡିଆରଡିଏ ସମ୍ମିଳନୀ କକ୍ଷଠାରେ ବଲାଙ୍ଗିର ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି(ଦିଶା) ବୈଠକ କମିଟିର ଅଧ୍ୟକ୍ଷ ତଥା ବଲାଙ୍ଗିର ଲୋକସଭା ସଂସଦ ସଂଗୀତା କୁମାରୀ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଭର୍ଚୁଆଲ ମୋଡ଼ରେ ଅନୁଷ୍ଠିତ ଏହି ବୈଠକରେ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀ ଟୁକୁନୀ ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ମହାନନ୍ଦ, ବିଧାୟକଙ୍କ ପ୍ରତିନିଧି, ପଂଚାୟତ ସମିତିର ଅଧ୍ୟକ୍ଷ, ଅଧ୍ୟକ୍ଷା, ଦିଶା କମିଟିର ସଦସ୍ୟ, ସଦସ୍ୟା, ବିଭାଗୀୟ ଜିଲ୍ଲା ସ୍ତରୀୟ ଅଧିକାରୀ ଗଣ, କାର୍ଯ୍ୟନିର୍ବାହୀ ସଂସ୍ଥାର ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକରେ ଜିଲ୍ଲାପାଳ ଚଂଚଳ ରାଣା ସମସ୍ତ ସଭ୍ୟସଭ୍ୟାଙ୍କୁ ସ୍ୱାଗତ ଜଣାଇବା ସହ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଉନ୍ନୟନ ମୂଳକ ଯୋଜନା ଗୁଡ଼ିକର କାର୍ଯ୍ୟକାରିତା ଓ ଅଗ୍ରଗତି ସଂପର୍କରେ ସୂଚନା ଦେଇଥିଲେ । ଜିଲ୍ଲାର ସର୍ବାଙ୍ଗିନ ବିକାଶ ଓ ସମୃଦ୍ଧି ସକାଶେ ବିଭାଗୀୟ ଅଧିକାରୀମାନେ ଉତ୍ତମ ସମନ୍ୱୟ ରଖି ଦାୟିତ୍ୱ ଓ କର୍ତ୍ତବ୍ୟ ସଂପାଦନ କରିବା ସହ ଯୋଜନା ଗୁଡ଼ିକର ସୁଫଳ ଯେପରି ତୃଣମୂଳ ସ୍ତରରେ ପହଂଚି ପାରିବ ସେଥିପ୍ରତି ବିଶେଷ ଦୃଷ୍ଟି ଦେବାକୁ କମିଟିର ଅଧ୍ୟକ୍ଷା ଶ୍ରୀମତୀ ସିଂହଦେଓ ବିଭାଗୀୟ ଅଧିକାରୀମାନଙ୍କୁ ପାମର୍ଶ ଦେଇଥିଲେ । କେନ୍ଦ୍ରୀୟ ଯୋଜନାରେ ଆବଣ୍ଟିତ ପାଣ୍ଠି ଜରିଆରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ଗୁଡ଼ିକର ସଠିକ କାର୍ଯ୍ୟକାରିତା ଓ ଉପଯୁକ୍ତ ପାଣ୍ଠି ବିନିଯୋଗ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ବୈଠକରେ କେନ୍ଦ୍ର ସରକାରଙ୍କ ତରଫରୁ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନ ଓ ଜନହିତକର ଯୋଜନା ଗୁଡ଼ିକର କାର୍ଯ୍ୟକାରିତା ଓ ଅଗ୍ରଗତି ସଂପର୍କରେ ସମୀକ୍ଷା ହୋଇଥିଲା । ବୈଠକରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ମାଧ୍ୟମରେ ନିର୍ମାଣ ହୋଇଥିବା ରାସ୍ତା ଓ ବ୍ରିଜ କାର୍ଯ୍ୟର ସମୀକ୍ଷା କରିଥିଲେ । ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା ଜରିଆରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ଗୁଡ଼ିକର ସ୍ଥିତି ଓ କାର୍ଯ୍ୟର ଅଗ୍ରଗତି ସଂପର୍କରେ ସମୀକ୍ଷା କରିଥିଲେ । ଦୀନ୍ଦୟାଲ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନା ଜରିଆରେ ବିଦ୍ୟୁତିକରଣ କାର୍ଯ୍ୟର ସମୀକ୍ଷା କରି ବିଦ୍ୟୁତ ଚାର୍ଜ ହେବାକୁ ଥିବା ଗ୍ରାମ ଗୁଡ଼ିକୁ ଯଥାଶୀଘ୍ର ବିଦ୍ୟୁତ ଯୋଗାଇ ଦେବାକୁ ଏନ୍ଟିପିସି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଜାତୀୟ ସାମାଜିକ ସହାୟତା ଯୋଜନା ଅନ୍ତର୍ଗତ ଇନ୍ଦିରାଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଭିନ୍ନକ୍ଷମ ଭତ୍ତା, ଜାତୀୟ ପରିବାର ମଙ୍ଗଳ ଯୋଜନା ଜରିଆରେ ଜିଲ୍ଲାରେ ଉପକୃତ ହେଉଥିବା ହିତାଧିକାରୀ ତଥା ଏହାର କାର୍ଯ୍ୟକାରିତା ଓ ସ୍ଥିତି ସଂପର୍କରେ ସମୀକ୍ଷା କରିଥିଲେ । ପ୍ରଧାନମନ୍ତ୍ରୀ ଅବାସ ଯୋଜନା ସହରାଂଚଳ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମୀକ୍ଷା ଗ୍ରାମୀଣର ସ୍ଥିତି ଓ କାର୍ଯ୍ୟକାରିତା ସଂପର୍କରେ ସବିଶେଷ ତଦନ୍ତ କରି ଯଥାଶୀଘ୍ର ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜାତୀୟ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଯୋଜନା ଅନ୍ତର୍ଗତ ଓଭର ଟ୍ୟାଙ୍କ ନିର୍ମାଣର ଅଗ୍ରଗତି ଏବଂ ସ୍ୱଚ୍ଛ ଭାରତ ମିଶନ ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିବା ସହ ଗୋଷ୍ଠୀ ଶୌଚାଳୟ ନିର୍ମାଣକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଜାତୀୟ ଉଦ୍ୟାନ ମିଶନ ଜରିଆରେ କାର୍ଯ୍ୟକାରୀ ହେଉଥିବା ଗ୍ରୀନ ହାଉସ ପ୍ରକଳ୍ପ ସଂପର୍କରେ ସମୀକ୍ଷା କରି ଉଦ୍ୟୋଗୀ ଚାଷୀ ମାନଙ୍କୁ ଏ ସଂପର୍କରେ ପ୍ରୋତ୍ସାହିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏତଦ୍ବ୍ୟତୀତ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ମୃତ୍ତିକା ପରୀକ୍ଷା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ସଂପର୍କରେ ସମୀକ୍ଷା କରି କୃଷି ଓ ଉଦ୍ୟାନ କୃଷି ବିଭାଗ ଜରିଆରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା, ଚାଷୀମାନେ କିପରି ଏଥିରୁ ଉପକୃତ ହୋଇପାରିବେ, କାହାକୁ ଯୋଗାଯୋଗ କରିବେ, ଯୋଗାଯୋଗ ନମ୍ବର ଇତ୍ୟାଦି ତଥ୍ୟ ସମ୍ବଳିତ ସୂଚନା ଫଳକ କାର୍ଯ୍ୟାଳୟ ସମ୍ମୁଖରେ ଲଗାଇବା ସହ ଏକ ସୂଚନା ପୁସ୍ତିକା ପ୍ରସ୍ତୁତ କରି ବଂଟନ କରିବାକୁ ପରାମର୍ଶ ଦେଇଥିଲେ । ଏତଦ୍ବ୍ୟତୀତ ବୈଠକରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର କାର୍ଯ୍ୟକାରିତା ଓ ଅଗ୍ରଗତି ସଂପର୍କରେ ସମୀକ୍ଷା କରିଥିଲେ । ବୈଠକ ଶେଷରେ ପିଡ଼ି, ଡିଆରଡିଏ ଡ. ମହେଶ୍ୱର ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜ ତରଫରୁ ବୃକ୍ଷରୋପଣ



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜ ତରଫରୁ ଭୀମ ଭୋଇ ମେଡିକାଲ କଲେଜ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୦୦ ଚାରା ରୋପଣ କରାଯାଇଥିଲା । ବଲାଙ୍ଗିର ଜିଲ୍ଲାର ଖପ୍ରାଖୋଲ, ପାଟଣାଗଡ, ଆଗଲପୁର, ଲୋଇସିଂହା, ଗୁଡଭେଲା, ଦେଓଗାଁ, ପୁଇଁନ୍ତଲା ଓ ବଲାଙ୍ଗିର ବ୍ଲକର କର୍ମକର୍ତ୍ତାଗଣ ଯୋଗଦାନ କରିଥିଲେ । ଏହି ଅବସରରେ ଏକ ସଭା ଆୟୋଜନ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ବଲାଙ୍ଗିର ବ୍ଲକ ବିଡିଓ ରାମଦତ୍ତ ଭୋଇ, ସମ୍ମାନୀୟ ଅତିଥି ଭୀମ ଭୋଇ ମେଡିକାଲ କଲେଜ ଅଧକ୍ଷା ସବିତା ମହାପାତ୍ର, ସୁବର୍ଣ୍ଣପୁର କୁଲୁତା ସମାଜ ସଂପାଦକ କ୍ଷେତ୍ରବାସୀ ପଧାନ, ଡା. ଅଶୋକ ସାହୁ, ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜ ସଭାପତି ଅସୀମ କୁମାର ଭୋଇ, ପରଦେଶୀ ବିଶ୍ୱାଲ ପ୍ରମୁଖ ମଂଚାସୀନ ଥାଇ ଉଦ୍ବୋଧନ ଦେଇଥିଲେ । ଯୁବ କୁଲୁତା ସମାଜର ଏଭଳି କାର୍ଯ୍ୟକ୍ରମକୁ ଅତିଥିଗଣ ଭୂୟସୀ ପ୍ରଶଂସା କରିଥିଲେ । ଏହି ଅବସରରେ ଖପ୍ରାଖୋଲ ବ୍ଲକ କମିଟିକୁ ଜିଲ୍ଲା ଯୁବ କୁଲୁତା ସମାଜ ସଭାପତି ଅସୀମ ଭୋଇଙ୍କ ଦ୍ୱାରା ସ୍ୱୀକୃତି ପ୍ରଦାନ କରାଯାଇଥିଲା । ଏହି ଅବସରରେ ସୁଶାନ୍ତ ସାହୁ ଓ ପଂଚାନନ ସାହୁଙ୍କୁ ବଲାଙ୍ଗିର ବ୍ଲକ ସଭାପତି ଓ ସଂପାଦକ ଭାବେ ମନୋନୀତ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମକୁ ଉପ-ସଭାପତି ସୁଧିର ପଧାନ, ଯୁଗ୍ମ ସଂପାଦକ କୌସ୍ତୁବ ସାହୁ, ଖପ୍ରାଖୋଲ ବ୍ଲକ ସଭାପତି ଅକ୍ଷୟ ପଧାନ, ବିପିନ ପଧାନ, ମନୋରଂଜନ ବେହେରା, ଦୈତାରି ସାହୁ, ନରେନ୍ଦ୍ର ବେହେରା, ଔରଷ ସାହୁ, ଲିଙ୍ଗରାଜ ସାହୁ, ଚତୁର୍ଭୁଜ ପଧାନ, ସୁଶାନ୍ତ ସାହୁ, ସଂଜୀବ ବାରିକ ପ୍ରମୁଖ ସହଯୋଗ କରିଥିଲେ ।

# ବର୍ଷିଆନ କବି ରାମଭକ୍ତ ଫରିକାରଙ୍କ କୋଶଲି କବିତା ସଙ୍କଳନ 'ପେମେଇ ରତୁ' ଉନ୍ମୋଚିତ




ବଲାଙ୍ଗିର, (ନିପ୍ର) : ସ୍ଥାନୀୟ ତୁଳସୀନଗର ସ୍ଥିତ ଫରିକାର ଭବନରେ ବର୍ଷିଆନ କବି, ଭାଷାପ୍ରେମୀ ରାମଭକ୍ତ ଫରିକାରଙ୍କ କୋଶଲି କବିତା ସଙ୍କଳନ "ପେମେଇ ରତୁ" ଉନ୍ମୋଚିତ ହୋଇଯାଇଛି । କବି, ଗବେଷକ ନିମାଇଁ ଚରଣ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅତିଥି ଭାବେ ଯୋଗଦେଇ ଉନ୍ମୋଚିତ ସଂକଳନ ଉପରେ ସମୀକ୍ଷା କରିଥିଲେ କବି ଆନନ୍ଦ ଚନ୍ଦ୍ର ସାହୁ, କବି ସନ୍ଦୀପ କୁଅଁର, କବି ପୁସ୍ତମ୍ ଯୁଆଡି । ବହି ଉପରେ ନିଜସ୍ୱ ମତ ରଖିଥିଲେ ବିରେନ୍ଦ୍ର ଝାଙ୍କର ଓ ଲାଲ୍‌ଚନ ବଗର୍ତ୍ତି । ସବିତା ମହରା ସଂକଳନର କବିତା ଆବୃତ୍ତି କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗଗନ ମହାନ୍ତି, ମଳୟ ଆନଂଦ ତ୍ରିପାଠୀ, ମଧୁସୂଦନ ଦାଶ, ସୁଶାନ୍ତ ବାଗ, କୃଷ୍ଣଚନ୍ଦ୍ର ବାରିକ, ଗଣେଶ ବାରିକ, ବଲ୍ଲବ ସାହୁ ପ୍ରମୁଖ ଏହି ପୁସ୍ତକ ଉନ୍ମୋଚନ ସଭାରେ ଯୋଗ ଦେଇଥିଲେ । ଶେଷରେ ବ୍ରହ୍ମାନନ୍ଦ ବନଛୋର ଧନ୍ୟବାଦ ଅର୍ପଣ କରିଥିଲେ ।

# ରିଜର୍ଭ ପୋଲିସ ପରିସରରେ ଦୁର୍ଗା ମଣ୍ଡପ ଉଦ୍‌ଘାଟିତ

## ପୋଲିସ ବ୍ୟାଡମିଂଟନ କୋର୍ଟରେ ସିନ୍‌ଥେଟିକ୍ ମେଟ୍ ବିଛାଯିବ : ନରସିଂହ

ବଲାଙ୍ଗିର, (ନିପ୍ର) : ମନହୋରପୁର ସ୍ଥିତ ରିଜର୍ଭ ପୋଲିସ ଗ୍ରାଉଣ୍ଡ ପରିସରରେ ନୂତନ ଭାବରେ ନିର୍ମିତ ହେଇଥିବା ଦୁର୍ଗା ମଣ୍ଡପର ଶୁଭ ଉଦ୍‌ଘାଟନ ମାନ୍ୟବର ବଲାଙ୍ଗିର ବିଧାୟକ ନରସିଂହ ମିଶ୍ରଙ୍କ ଦ୍ୱାରା ଜିଲ୍ଲାପାଳ ଚଂଚଳ ରଣା ଓ ଆରକ୍ଷୀ ଅଧିକ୍ଷକ ନିତିନ କୁଶଲକରଙ୍କ ଉପସ୍ଥିତିରେ ହୋଇଯାଇଛି । ନିଜ ବିଧାୟକ ପାଣ୍ଠିରୁ ୫ ଲକ୍ଷ ଟଙ୍କାର ଅନୁଦାନରେ ନିର୍ମିତ ହୋଇଥିବା ଏହି ମଣ୍ଡପ ନିର୍ମାଣ ଶୈଳୀ ଏବଂ ପାଣ୍ଠିର ସଠିକ୍ ବିନିଯୋଗକୁ ନେଇ ବିଧାୟକ ଶ୍ରୀ ମିଶ୍ର ଭୂୟାସୀ ପ୍ରଶଂସା କରିଥିଲେ । ଏହି ଅବସରରେ ଦୁର୍ଗା ମଣ୍ଡପ ପରିସରରେ ତିନୋଟି ବୃକ୍ଷର ଚାରା ରୋପଣ ବିଧାୟକ ଶ୍ରୀ ମିଶ୍ର, ଜିଲ୍ଲାପାଳ ଚଂଚଳ ରଣା ଓ ଆରକ୍ଷୀ ଅଧିକ୍ଷକ ନିତିନ କୁଶଲକରଙ୍କ ଦ୍ୱାରା କରାଯାଇଥିଲା । ତା ପୂର୍ବରୁ ବିଧାୟକ ଶ୍ରୀ ମିଶ୍ରଙ୍କୁ ଫୁଲତୋଡା ତଥା ଉପଢୌକନ ଦେଇ ଆରକ୍ଷୀ ଅଧିକ୍ଷକ ସମ୍ମାନିତ କରିଥିଲେ । ଉପସ୍ଥିତ ଥିବା ପୋଲିସ କର୍ମଚାରୀମାନେ ମନୋହରପୁର ରିଜର୍ଭ ପଡିଆ ପରିସରରେ ଥିବା ବିଭିନ୍ନ ସମସ୍ୟା ଯଥା ରାସ୍ତାଘାଟ, ଆଲୋକୀକରଣ ଏବଂ ତାର ସମାଧାନ ପାଇଁ ବିଧାୟକଙ୍କୁ ଜଣାଇଥିଲେ । ଜିଲ୍ଲାପାଳ ଶ୍ରୀ ରାଣା ମଧ ସେଠାରେ ଥିବା ଇନ୍‌ଡୋର ବ୍ୟାଡମିଂଟନ ହଲର କୋଠା ନିର୍ମିତ ଚଟାଣ ଉପରେ ଏକ ସିନ୍‌ଥେଟିକ ମେଟ୍‌ର ଆବଶ୍ୟକତା ଉପରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ, ଯାହାକି ବିଧାୟକ ଶ୍ରୀ ମିଶ୍ର ତାଙ୍କ ବିଧାୟକ ପାଣ୍ଠିରୁ ସିନ୍‌ଥେଟିକ୍ ବ୍ୟାଡମିଂଟନ୍ ମେଟ ପାଇଁ ୫ ଲକ୍ଷ ଟଙ୍କାର ଅନୁଦାନ ରାଶି ଦିଆଯିବାର ପ୍ରତିଶୃତି ଦେଇଥିଲେ । ତା' ସହ ପୋଲିସ କର୍ମଚାରୀମାନଙ୍କ ତରଫରୁ ଅନୁରୋଧ କରାଯାଇଥିବା ଆଲୋକୀକରଣ ପାଇଁ ଏକ ହାଇମଷ୍ଟ ଲାଇଟ ଅତିଶୀଘ୍ର ସ୍ଥାପନ କରାଯିବାର ପ୍ରତିଶୃତି ଦେଇଥିଲେ । ଏହି ଉଦ୍‌ଘାଟନ ଅବସରରେ ଉପସ୍ଥିତ ଥିବା ସମସ୍ତଙ୍କୁ ପ୍ରସାଦ ବଂଟନ କରାଯାଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମନୋରଂଜନ ପ୍ରଧାନ, କମାଣ୍ଡେଣ୍ଟ କୁମୁଦ ସେଠ, ସଦର ଏସ୍‌ଡିପିଓ ତୁଫାନ ବାଗ, ସଦର ଥାନାଧିକାରୀ ଶ୍ରୀକାନ୍ତ ସାହୁ, ରିଜର୍ଭ ସରଜେଂଟ୍ ଅମିତ କୀର୍ତ୍ତନିଆ ସମେତ ଅନେକ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ ।







# ବଲାଙ୍ଗିର ସିଆର୍‌ପିଏଫ୍ ପକ୍ଷରୁ ବୃକ୍ଷରୋପଣ




ବଲାଙ୍ଗିର, (କେପିଏନ୍‌ଏସ୍) : ବଲାଙ୍ଗିର ସିଆର୍‌ପିଏଫ୍ ୧୮୯ ବାଟାଲିଅନ୍ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବଲାଙ୍ଗିର ଜିଲ୍ଲାପାଳ ଚଂଚଳ ରାଣା, ବଲାଙ୍ଗିର ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ, କମାଣ୍ଡେଣ୍ଟ ଯୋଗେନ୍ଦ୍ର ସିଂ ମୌର୍ଯ୍ୟ, ପିଡି (ଡୁଡ଼ା) ସୁଦର୍ଶନ ସାଏଙ୍କ ଉପସ୍ଥିତିରେ ସ୍ଥାନୀୟ ବିଜାଖମନ ଅଂଚଳରେ ଆଜି ୨୯୦ଟି ଗଛ ରୋପଣ ହୋଇଥିବା ସିଆର୍‌ପିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି ।

କାର୍ଯ୍ୟକ୍ରମରେ ସିଆର୍‌ପିଏଫ୍‌ର ବହୁ ଯବାନ ସକ୍ରିୟ ଭାବେ ସାମିଲ୍ ହୋଇଥିଲେ ।

# ଜୁଭେନାଇଲ ଜଷ୍ଟିସ ଏକ୍ଟ ଏବଂ ଆର୍‌ଟିଇ ଏକ୍ଟ ସମ୍ବନ୍ଧରେ ସଚେତନତା କାର୍ଯ୍ୟକ୍ରମ




ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲା ଜଜ୍ ତଥା ଆଇନ ସେବା ପ୍ରାଧିକରଣ ଅଧକ୍ଷ ଲୋକନାଥ ମହାପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ବିକଳ୍ପ ସମାଧାନ କେନ୍ଦ୍ର, ବଲାଙ୍ଗିରର ସଭାଗୃହ ଠାରେ ପ୍ରାଧିକରଣର ସଚିବ ଦେବାଶିଷ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜେ.ଜେ.ଏକ୍ଟ ଏବଂ ଆର୍‌ଟିଇ ଏକ୍ଟ ସମ୍ବନ୍ଧରେ ଏବଂ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ସିଭିଲ୍ ଜଜ୍(ବରିଷ୍ଠ ବିଭାଗ) ଶ୍ରୀମତୀ ସସ୍ମିତା ନନ୍ଦିନୀ ତ୍ରିପାଠୀ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ, ବଲାଙ୍ଗିର ଯୋଗ ଦେବା ସହିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ବିଷୟବସ୍ତୁ ଯେପରିକି ଜେ.ଜେ.ଏକ୍ଟ ଏବଂ ଆରଟିଇ ଏକ୍ଟ ସମ୍ବନ୍ଧରେ ବିଷଦ ବିବରଣୀ ପ୍ରଦାନ କରିଥିଲେ । ଏହା ସହିତ ପ୍ରାଧିକରଣର ସଚିବ ପ୍ରାଧିକରଣର ବିଭିନ୍ନ କାର୍ଯ୍ୟକାରିତା ଦିଗ ଯେପରିକି ଭି.ସି.ଏ ମାଗଣା ଆଇନ ସହାୟତା, ଆପୋଷ ବୁଝାମଣା ଆଦି ସଂପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଅବିଭାବକ ପ୍ରମୁଖ ଅନ୍‌ଲାଇନ୍ ମାଧ୍ୟମରେ ଅଂଶଗ୍ରହଣ କରିଥିଲେ ।

# ଆକାଶ୍ ଥି ମୁଡ଼ା ମୁଡ଼ା ମେଘ୍ ବାଦଲ୍ ପାଏନ୍ ବର୍‌ଷିବାର୍ ନାଁ ନେଇଁ : ମୁଡ଼େ ହାତ୍ ଦେଇ ବସିଛେ ଚାଷୀ



ବଲାଙ୍ଗିର, (ନିପ୍ର) : ଆକାଶ୍ ଥି ମୁଡ଼ା ମୁଡ଼ା ମେଘ୍ ବାଦଲ୍, ମାତର୍‌କ' ପାଏନ୍ ବର୍‌ଷିବାର୍ ନାଁ ନେଇଁ । ଘାଏ ଘାଏ ଏନ୍‌ତା ଖରା କେଁଚୁଛେ ଯେ, ତାଲୁ ଫାଟି ଗଲା ମେତାନ୍ ଲାଗୁଛେ ।

ବଡ଼ଭାଗୀ ଚାଷୀ ପଲ୍‌ହା ନେଇଁ ପକାବାର୍ । ଯେନ୍‌ମାନେ ବି ପଲ୍‌ହା ପକେଇ ଦେଇଛନ୍ ପାଏନ୍ ଅଭାବ୍ ଥି ସବୁ ଝଂଜ୍‌ମରେଇ ହଲ୍‌ଦିଆ ଛୁଟିଗଲାନ' । ମୁଡ଼େ ହାତ୍ ଦେଇ ଡୁଗ୍ ଡୁଗ୍ ମୁଟ୍ ମୁଟ୍ ମେଘ୍ ବାଦଲ୍ କେ ଠଅଁକଉଛେ ଚାଷୀ । ଇଥର ଚାଷ୍ କେ ବନେ ବତର୍ ଦେବା ବର୍‌ଷା ବଲି ବଡ଼ା ଭର୍‌ସା କରିଥିଲା ଚାଷୀ । ହେଲେ ତାର୍ ସପନ୍ କୁର୍‌କୁଟି ହେବାର୍ କେ ବସ୍‌ଲାନ' । ଚାଷ୍ କାମ୍ ଉଛୁର୍ ହେଇ ହେଇ ଯଉଛେ । ବର୍‌ଷାର ନାଁ ଗନ୍ଧି ନେଇଁ ।

Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com

Follow us on website : www.koshalaprabaha.com Koshala prabaha Koshala Prabaha
For Update News Pls. Visit Our News Web Portal : koshalaprabahalive.com

ସଂପାଦକ : ଆନଂଦ ଚଂଦ୍ର ସାହୁ
Editor : Ananda Chandra Sahu